

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୧ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 OCTOBER 2022
Vol.No. 33 ■ No. 282 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଝୁଲା ପୋଲ ଭୁଶୁଡ଼ି ୪୦ ମୃତ, ଅନେକ ଆହତ



ଅହମ୍ମଦାବାଦ,୩୦/୧୦ (ନି.ପ୍ର): ଗୁଜରାଟରେ ବଡ଼ଧରଣର ଅଘଟଣ। ମାରୋବିମାରେ ଝୁଲା ପୋଲ ଭୁଶୁଡ଼ିବା ଯୋଗୁ ପ୍ରାୟ ୪୦ ଜଣଙ୍କର ମୃତ୍ୟୁ ଘଟିଛି। ବହୁ ଲୋକେ ଲୋକେ ଆହତ ହୋଇଛନ୍ତି। ଏଥିସହ ପାଣିରେ ବହୁ ଲୋକ ଫସି ରହିଥିବା ସୂଚନା ମିଳିଛି। ଝୁଲାପୋଲ ଭୁଶୁଡ଼ିବା ବେଳେ ବ୍ରିଜ୍ ଉପରେ ପ୍ରାୟ ୫୦୦ ଲୋକେ ଥିଲେ। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମରାମତି ପରେ ଝୁଲାପୋଲଟି ୪ ଦିନ ପୂର୍ବେ ସର୍ବସାଧାରଣ ପାଇଁ ଖୋଲାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ପୋଲର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଠିକା ଡକାଯାଇଥିଲା। ଏହାକୁ ଓଡାବଜୀ ପଟେଲ କମ୍ପାନୀ ପକ୍ଷରୁ ଓରେଭା ଗ୍ରୁପ୍ ଠିକା ନେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରାଯାଇଛି। ସେହିପରି ରାଜ୍ୟ ସରକାର ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ ଲକ୍ଷ ଏବଂ ପ୍ରତ୍ୟେକ ଆହତଙ୍କୁ, ୫୦,୦୦୦ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଆଜି ଛୁଟିଦିନ ହୋଇଥିବାରୁ ଏଠାରେ ବହୁତ ଭିଡ଼ ଜମିଥିଲା । ଦୁର୍ଘଟଣା ସମୟରେ ବ୍ରିଜ ଉପରେ ଶହ ଶହ ଲୋକ ଉପସ୍ଥିତ ଥିବା କୁହାଯାଉଛି। ଏହି ସେତୁଟି ବହୁତ ପୁରୁଣା ହୋଇଥିବାବେଳେ କିଛି ଦିନ ପୂର୍ବରୁ ଏହାର ମରାମତି କରାଯାଇଥିଲା । ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି। ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି ।

## ଧାମନଗରରେ କିଏ ଭାଙ୍ଗୁଛି ଆଚରଣ ବିଧି ?
# ନିର୍ବାଚନ କମିଶନରେ ଫେରାଦ ବିଜେପି, ବିଜେଡି




ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି । ଦଳର ସାଂସଦ ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକ ଭାରତୀୟ ନିର୍ବାଚନ କମିଶନଙ୍କୁ ଭେଟି ବିଜେପି ବିରୋଧରେ ଅଭିଯୋଗ କରିଛନ୍ତି । ଧାମନଗରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲାବେଳେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ କିଛି ପ୍ରତିଶ୍ରୁତି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ । ଦିଲ୍ଲୀ ସମେତ ଭୁବନେଶ୍ୱର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ ଭେଟି ଫେରାଦ ହୋଇଛି ବିଜେଡି । ସମାନ ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ଫେରାଦ ହୋଇଛି ଦଳ । ବାରମ୍ବାର ବିଜେପି ଆଦର୍ଶ ଆଚରମ ବିଧିର ଉଲ୍ଲଂଘନ କରୁଥିବା କହିଛନ୍ତି ବିଜେଡି ନେତା ଲେନିନ ମହାନ୍ତି । ଭୋଟ୍ ରାଜନୀତିରେ ଜେରଦାର ହୋଇଛି ଦୋଷ ଲଦାଲଦି । ଧାମନଗରରେ ଟଙ୍କା ବଣ୍ଟା ଅଭିଯୋଗ ନେଇ ପୁଣିଥରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପହଞ୍ଚିଛି ବିଜେପି ପ୍ରତିନିଧି ଦଳ । ରାମାନୁଜ ଏସଏଚଜି ଗ୍ରୁପର ଅଧକ୍ଷା ସନ୍ଧ୍ୟାରାଣୀ ସାହୁ ତିହିଡି ବ୍ଲକ ପାଳିଆବିନ୍ଧା ଗାଁରେ ୪ ହଜାର ଟଙ୍କାକୁ ୧୨ ଜଣ ସଦସ୍ୟାଙ୍କ ଭିତରେ ବାଣ୍ଟିଦେବାକୁ କୁହାଯାଇଥିବା ଏକ ଭିଡିଓରେ କହୁଥିବା ଅଭିଯୋଗ କରିଛି ବିଜେପି । ଶାସକ ଦଳ ଧାମନଗର ଉନିର୍ବାଚନ ଜିତିବା ପାଇଁ ଏସଏଚଜି ମହିଳାଙ୍କୁ ବ୍ୟବହାର କରୁଥିବା ଅଭିଯୋଗ କରିଛି ଭାରତୀୟ ଜନତା ପାର୍ଟି । ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲି ଧାମନଗରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭର୍ଚୁଆଲ ରାଲି କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆଉ ଏହି ରାଲିରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ଯୋଡିବା ପାଇଁ ଏସଏଚଜି ମହିଳାମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ କରିଛି ବିଜେପି । ▶▶ପୃଷ୍ଠା ୭

## ଅଳିଆ ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ : ମେୟରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ପୁଣି ଦାରୁଠେଙ୍ଗରେ ଅଳିଆ ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି । ଡ଼ମ୍ପିଂ ୟାର୍ଡକୁ ଅଳିଆ ପକାଇବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ନାଁ ରାମଚନ୍ଦ୍ର ଗାଗରାଇ ଓ ତାଙ୍କର ବୟସ ୪୬ ବର୍ଷ ବୋଲି ଜଣା ପଡିଛି । ଏହି ଦୁର୍ଘଟଣାପରେ ସେଠାରେ ଉତ୍ତେଜନା ଦେଖା ଦେଇଥିଲା ଓ କଟକ ଖୋର୍ଦ୍ଧା ମୂଖ୍ୟ ରାସ୍ତା ଅବରୋଧ କରିଥିଲେ ଗ୍ରାମବାସୀ। ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଛନ୍ତି ଦାରୁଠେଙ୍ଗ ଗ୍ରାମବାସୀ । ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ସହ ଜଣେ ସଦସ୍ୟଙ୍କୁ ଚାକିରିର ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଉଲ୍ଲେଖଯୋଗ୍ୟ, ଭୁଆସୁଣି ଡମ୍ପିଂ ୟାର୍ଡ ରାସ୍ତାରେ ଆବର୍ଜନା ନେଇ ଯାଉଥିବା ଗାଡ଼ି ଧକ୍କାରେ ପୁଣି ଜଣଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ୨ମାସ ପରେ ପୁଣି ଜଣଙ୍କର ପ୍ରାଣହାନି ଘଟିଥିଛି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା ।

# ପାକତ୍ୟାଗ, ଦେବନୀତି ନିଷେଧକୁ ନେଇ ଦ୍ୱନ୍ଦ୍ୱ : ବଦଳିବ ଶ୍ରୀମନ୍ଦିରରେ ନୀତିକାନ୍ତି ସମୟ



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଚନ୍ଦ୍ରଗ୍ରହଣରେ ପାକତ୍ୟାଗ, ଦେବନୀତି ନିଷେଧକୁ ନେଇ ଦ୍ୱନ୍ଦ୍ୱ । ବଦଳିବ ଶ୍ରୀମନ୍ଦିରରେ ନୀତିକାନ୍ତି ସମୟ । ଚଳିତବର୍ଷ ନଭେମ୍ବର ୮ ତାରିଖରେ ପଡୁଛି ଚନ୍ଦ୍ରଗ୍ରହଣ । ଏହି ଦିନ କେବେ ପାକତ୍ୟାଗ ହେବ ଓ କଣ ଦେବନୀତି ନିଷେଧ ହେବ ତାକୁ ନେଇ ବିତର୍କ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ସକାଳ ୮ଟା ୨୯ରେ ପାକତ୍ୟାଗ, ଦେବନୀତି ନିଷେଧ ବୋଲି ନୀତିକାନ୍ତିରେ ଉଲ୍ଲେଖ କରିଛି । ଜ୍ୟୋତିର୍ବିଦମାନେ ସୂର୍ଯ୍ୟୋଦୟଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ ବୋଲି କହୁଛନ୍ତି । ଏ ନେଇ ବିବାଦ ସୃଷ୍ଟି ହେବା ପରେ ତ୍ରୁଟିକୁ ସୁଧାରିବାକୁ ନିଷ୍ପତି ନେଇଛି ଶ୍ରୀମନ୍ଦିର ପ୍ରଶାସନ । ନଭେମ୍ବର ପ୍ରଥମ ସପ୍ତାହରେ ନୀତି ସବକମିଟି ଓ ଛତିଶାନିଯୋଗ ବୈଠକରେ ଏ ନେଇ ଆଲୋଚନା କରାଯାଇ ତ୍ରୁଟିଶୂନ୍ୟ ନୀତିନିର୍ଘଂଟ କରାଯିବ । ଜ୍ୟୋତିର୍ବିଦଙ୍କ କହିବା କଥା ହେଲା, ୮ ତାରିଖରେ ଅପରାହ୍ନ ୨ଟା ୩୮ ମିନିଟ୧୪ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରୁଛି । ସନ୍ଧ୍ୟା ୬ଟା ୧୮ ମିନିଟ ୪୭ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବ । ଏହିଦିନ ସୂର୍ଯ୍ୟୋଦୟ ଅର୍ଥାତ ସକାଳ ୫ଟା ୫୪ମିନିଟ ୫୩ ସେକେଣ୍ଡରୁ ଅନ୍ନଭୋଜନ, ପାକକର୍ମ ଓ ଦେବନୀତି ନିଷେଧ । ତେଣୁ ସୂର୍ଯ୍ୟୋଦୟ ପୂର୍ବରୁ ଡଙ୍ଗାଭସା କାମ ସରିବ । ▶▶ପୃଷ୍ଠା ୭

## ଅର୍ଚ୍ଚନାଙ୍କ ମାମଲାକୁ ନେଇ ଥମୁନି ରାଜନୀତି : ଶାସକ ଦଳକୁ ଟାର୍ଗେଟ କଲେ ପିସିସି ସଭାପତି



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଧାମନଗର ଉପନିର୍ବାଚନକୁ ନେଇ ତିନି ପ୍ରମୁଖ ଦଳ ଏବେ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ବେଳେ ଆଜି ଅର୍ଚ୍ଚନା ନାଗ ମାମଲାକୁ ନେଇ ତିନି ଦଳ ମୁହାଁମୁହିଁ ପରିସ୍ଥିତିକୁ ଆସିଛନ୍ତି । କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ କରି ବିଜେପି ଏବଂ ବିଜେଡିକୁ ଟାର୍ଗେଟ କରିଛନ୍ତି । ଏହି ମାମଲାରେ ବଡ ବଡ ନେତାଙ୍କ ସମ୍ପୃକ୍ତି ନେଇ ତଥ୍ୟ ରହିଥିଲେ ବି ପୁଲିସ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ କରିଛନ୍ତି ଶରତ । ଏହାର ଜବାବ ରଖିଛନ୍ତି ବିଜେପି ଏବଂ ବିଜେଡି । ବିଜେପି କହିଛି ବିଜେଡି ସବୁ ଜାଣିନଜାଣିଲା ଭଳି ଅଭିନୟ କରୁଛି । ବିଜେଡି କହିଛନ୍ତି, ଧାମନଗର ଉପନିର୍ବାଚନରେ ଦୁଇ ରାଷ୍ଟ୍ରୀୟ ଦଳ ପାଖରେ କୌଣସି ପ୍ରସଙ୍ଗ ନ ଥିବାରୁ ଏଭଳି ପ୍ରସଙ୍ଗକୁ ସେମାନେ ଗୁରୁତ୍ୱ ଦେଉଛନ୍ତି ଯେଉଁଥିରେ ସତ୍ୟ କିମ୍ବା ତଥ୍ୟ ନାହିଁ ।

# ବନ୍ଦ ଘରୁ ଗୋଟିଏ ପରିବାରର ୪ ମୃତଦେହ ଉଦ୍ଧାର

ବରଗଡ, ୩୦/୧୦ (ନି.ପ୍ର): ବରଗଡ଼ ଭେଡେନ୍ ଜାମଡୋଲ ଗାଁରେ ଛାତିଥରା ଘଟଣା । କନ୍ଦପଡ଼ାରେ ରହୁଥିବା ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକ ମାନେ ସ୍ୱାମୀ-ସ୍ତ୍ରୀ-ପୁଅ-ଝିଅ ବୋଲି ଜଣାପଡ଼ିଛି । ୬୫ ବର୍ଷୀୟ ଶେଷଦେବ ମେହେର, ତାଙ୍କ ପତ୍ନୀ ୬୦ ବର୍ଷୀୟା କ୍ଷୀରେଶ୍ୱରୀ ମେହେର, ୩୦ ବର୍ଷର ପୁଅ ଅରବିନ୍ଦ ମେହେର ଏବଂ ୨୨ ବର୍ଷର ଝିଅ ଶ୍ରୀବାଣୀ ମେହେରଙ୍କ ମୃତଦେହ ଘର ଭିତରେ ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ସଂଧ୍ୟା ସମୟରେ ଲୋକ ଯିବାଆସିବା କରୁଥିବା ବେଳେ ସେହି ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ସଂଦେହ ପ୍ରକାଶ ପାଇଥିଲା । ପୁଲିସକୁ ଏ ନେଇ ଖବର ଦେବା ପରେ ଆଇଆଇସି ସଂଗୀତା ମହାପାତ୍ର, ଫାଣ୍ଡି ଅଧିକାରୀ, ଅତିରିକ୍ତ ତହସିଲଦାରଙ୍କ ସମେତ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଁଚି ଘଟଣାର ତଦନ୍ତ କରିଥିଲେ । ଘର ଆଗରେ ପୁଲିସ ଫୋର୍ସ ମୂତୟନ କରାଯାଇଛି । ଘର ପଛ ପଟୁ କବାଟ ବନ୍ଦ ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା, ଏ ନେଇ ଜୋରଦାର ଚର୍ଚ୍ଚା ହେଉଛି । କାଳୀପୂଜା ଅବସରରେ ୪ ଦିନ ହେବ ଗାଁରେ ଯାତ୍ରା ଚାଲିଥିବା ବେଳେ ହଜାର ହଜାର ଲୋକଙ୍କ ସମାଗମ ହେଉଛି । ତେଣୁ କବାଟ ବନ୍ଦ ଥିବାରୁ ପଡ଼ୋଶୀ ଲୋକ କିଛି ସଂଦେହ କରିନଥିଲେ । ଭାବିଥିଲେ ଯାତ୍ରା ଦେଖି ସେମାନେ ଶୋଇ ପଡ଼ିଥିବେ । ମୃତ ଶେଷଦେବ ମେହେରଙ୍କ ପରିବାର ସହ କାହାର ଶତ୍ରୁତା ନଥିବା କହୁଛନ୍ତି ଗାଁ ଲୋକ । ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଆସନ୍ତାକାଲି ଶବ ଉଦ୍ଧାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଏହା ୨-୩ ଦିନ ତଳର ଘଟଣା ବୋଲି ସଂଦେହ କରାଯାଉଛି ।

# ଲୋକତନ୍ତ୍ର ବଞ୍ଚାଇବାକୁ ମମତାଙ୍କ ଅନୁରୋଧ



ନୂଆଦିଲ୍ଲୀ, ୩୦/୧୦ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁବେଳେ ଦେଶର ଲୋକତାନ୍ତ୍ରିକ ସଂସ୍ଥା ଉପରେ କେନ୍ଦ୍ର ସରକାରଙ୍କ ଚାପକୁ ନେଇ ଅଭିଯୋଗ କରିଆସୁଛନ୍ତି । ଏହାସହ ସେ ଏବେ ଦାବି କରିଛନ୍ତି କି ଯଦି ଦେଶରେ ଏହି ପ୍ରକ୍ରିୟା ଜାରି ରହିବ ତେବେ ଆଗାମୀ ଦିନରେ ଦେଶରେ ରାଷ୍ଟ୍ରପତି ଶାସନ ଲାଗୁହେବା ନିଶ୍ଚିନ୍ତ । ଏନେଇ ଏବେ ସେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଲୋକତନ୍ତ୍ରର ସୁରକ୍ଷିତ ରଖିବାକୁ ନିବେଦନ କରିଛନ୍ତି । ସୂଚନା ମୁତାବକ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ୟୁ ୟୁ ଲଲିତ ଆଜି କୋଲକତାର ରାଷ୍ଟ୍ରୀୟ ନ୍ୟାୟିକ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଦିକ୍ଷାନ୍ତ ସମାରୋହରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା ବାନାର୍ଜୀ ଏଭଳି କହିଛନ୍ତି । ମମତା ବାନାର୍ଜୀ ତାଙ୍କ ଉଦବୋଧନରେ କହିଛନ୍ତି କି ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ଲୋକତାନ୍ତ୍ରିକ ଶକ୍ତି ଉପରେ ଦଖଲ କରିସାରିଛନ୍ତି । ଦିକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଥିବା ମମତା ବାନାର୍ଜୀ ମୁଖ୍ୟ ବିଚାରପତିଙ୍କୁ ନିବେଦନ କରିଛନ୍ତି କି ଏଭଳି ପରିସ୍ଥିତିରେ ଲୋକତନ୍ତ୍ରକୁ ରକ୍ଷା କରିବା ନ୍ୟାୟପାଳିକାର ଦାୟିତ୍ୱ ହେଉ ।

# ଭାରତକୁ ୫ ୱିକେଟରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା



ନୂଆଦିଲ୍ଲୀ, ୩୦/୧୦ : ଟି୨୦ ବିଶ୍ୱକପରେ ଭାରତ ୫ ୱିକେଟରେ ପରାସ୍ତ ହୋଇଛି । ମିଲର ଓ ମାକ୍ରମଙ୍କ ଦମଦାର ବ୍ୟାଟିଂ ଏବଂ ପୂର୍ବରୁ ଏନଗିଡିଙ୍କ ଜବରଦସ୍ତ ବୋଲି ବଳରେ ଦକ୍ଷିଣ ଆଫ୍ରିକା ଏହି ବିଜୟ ହାସଲ କରିଛି । ମାକ୍ରମ ୫୨ ରନ କରିଥିବା ବେଳେ ମିଲର ୫୯ ରନ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ଭାରତ ପକ୍ଷରୁ ଅର୍ଶଦୀପ ସର୍ବାଧିକ ୨ଟି ସଫଳତା ପାଇଥିବା ବେଳେ ସାମି, ପାଣ୍ଡ୍ୟା, ଅଶ୍ୱିନଙ୍କୁ ଗୋଟିଏ ସଫଳତା ମିଳିଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୧୩୩ ରନ କରିଥିଲା । ଏହାର ଜବାବରେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଦକ୍ଷିଣ ଆଫ୍ରିକା ୧୯.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଭାରତ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । ଲୁଙ୍ଗି ଏନଗିଡି ସର୍ବାଧିକ ୪ ସଫଳତା ପାଇଥିଲେ । ସେହିଭଳି ପାର୍ନେଲ ୩ଟି ୱିକେଟ ହାସଲ କରିଥିଲେ । ଭାରତ ଏହି ପରାଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସିଛି । ୩ମ୍ୟାଚରୁ ଦଳ ୨ ବିଜୟ ଗୋଟିଏ ପରାଜୟ ସହ ୪ ପଏଣ୍ଟ ହାସଲ କରିଛି ।

# ଓଡିଆ ଜନଜାତି ଝିଅର ଉଦାହରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଇଥିବା ବାର୍ତ୍ତା ଯୁବ ସମାଜକୁ ପ୍ରେରିତ କରିବ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ମନ୍ କି ବାତର ୯୪ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୌର ଉର୍ଜା ମାଧ୍ୟମରେ ଅନେକ ଜନଜାତି ମହିଳାଙ୍କୁ ରୋଜଗାର ଦେଉଥିବା ଓଡ଼ିଶାର କେନ୍ଦୁଝର ଜିଲ୍ଲା କରଡାପାଳର ଜନଜାତି ଝିଅ କୁନି ଦେଉରୀଙ୍କ ବିଷୟରେ ଆଲୋକପାତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ଆଜି ଭାରତ ନିଜର ପାରମ୍ପରିକ କୌଶଳକୁ ଆଧୁନିକ ବିଜ୍ଞାନ ସହ ଯୋଡୁଅଛି । ଜନଜାତି ମହିଳାଙ୍କୁ ସୌର ଚାଳିତ ରେଲିଂ ମେସିନରେ ସିଲ୍କ କାଟିବାର ତାଲିମ ଦେଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଉଥିବା କୁନି ନାରୀ ସଶକ୍ତିକରଣର ଅନନ୍ୟ ଉଦାହରଣ । ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସୌର ଉର୍ଜାର ଉପଯୋଗ ଏବଂ ଓଡ଼ିଶାର ଜନଜାତି ଝିଅର ଉଦାହରଣ ମାଧ୍ୟମରେ ମହିଳା ସଶକ୍ତିକରଣର ଏହି ବାର୍ତ୍ତା ଯୁବ ସମାଜକୁ ନିଶ୍ଚୟ ପ୍ରରିତ କରିବ । ସେହିପରି ଦେଶରେ ନବସୃଜନ ଓ ଗବେଷଣାର ନୂଆ ଧାରା ତିଆରି କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଂଶସିତ ହୋଇଥିବା ଆଇଆଇଟି ଭୁବନେଶ୍ୱରକୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମନ କି ବାତରେ ଆଇଆଇଟି ଭୁବନେଶ୍ୱରର ଏକ ଟିମ୍ ଦ୍ୱାରା ନବଜାତ ଶିଶୁଙ୍କ ପାଇଁ ବିକଶିତ ଟେକ୍ନୋଲୋଜିକୁ ପ୍ରଂଶସା କରି ଆଇଆଇଟି ଛାତ୍ରଛାତ୍ରୀଙ୍କ ମନୋବଳକୁ ବଢ଼ାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ଜୟ ଅନୁସନ୍ଧାନ' ନାରାରେ ଆଇଆଇଟି ଭୁବନେଶ୍ୱର ନବଜାତ ଶିଶୁଙ୍କ ପାଇଁ ପୋର୍ଟେବଲ୍ ▶▶ପୃଷ୍ଠା ୭

## ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଶୋଭାଯାତ୍ରା

ଜୟପୁର,୩୦/୧୦ (ନି.ପ୍ର): ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଜୟପୁରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା । ସହରର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଭିଜିଲାନ୍ସ ଅଫିସ ଠାରେ ଶେଷ ହୋଇଥିଲା । ଭାରତିୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାକୁ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶୋଭାଯାତ୍ରାରେ ଭୁପତି ସାହିର ଫ୍ରେଣ୍ଡସ ବ୍ଲକ ସଦସ୍ୟ ଓ ଷ୍ଟେଟ ବ୍ୟାଙ୍କର କର୍ମଚାରି ମାନେ ଉପସ୍ଥିତ ଥିଲେ ।


## ସାହିତ୍ୟିକ ବନ୍ଧୁଙ୍କୁ ସାଦର ନିମନ୍ତ୍ରଣ

ଆସନ୍ତା ୩୧/୧୦/୨୨ରିଖ ସୋମବାର ସଂଧ୍ୟା ୬ ଘଟିକାରେ ଡକ୍ଟର ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ଉପନ୍ୟାସ 'ଇମିତି ହୁଏ' (ସାମାଜିକ) ଓ 'ଗୋପୀ' (ପୌରାଣିକ) ଟାଉନ୍‌ହଲ୍ ନିକଟସ୍ଥ ନୃତ୍ୟ ସଂଗୀତ କଳାମନ୍ଦିର ଠାରେ ଲୋକାର୍ପିତ ହେବ । ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାହିତ୍ୟିକ ବନ୍ଧୁମାନଙ୍କୁ ସାଦର ନିମନ୍ତ୍ରଣ ।

ଡକ୍ଟର ଭାଗବତ ବେହେରା (ଲେଖକ)

## ୨୨ କେଜି ଗଞ୍ଜେଇ ଜବତ : ୨ ଗିରଫ

ମାଲକାନଗିରି ,୩୦/୧୦ (ନି.ପ୍ର): ଗତକାଲି ରାତିରେ ଚିତ୍ରକୋଣ୍ଡା ଥାନା ଏସ ଆଇ ବିଜୟ କୁମାର ମାଜିଙ୍କ ନେତୃତ୍ୱରେ ଚିତ୍ରାକୋଣ୍ଡା ଥାନା କର୍ମଚାରୀମାନେ ମନ୍ତ୍ରୀ ପୁଟ, ଟନେଲ କ୍ୟାମ୍ପ ଏବଂ ସ୍ପିଲ ୱେ ଅଞ୍ଚଳର ମୁଖ୍ୟ ରାଡରେ ରାତି ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ରାତ୍ର ୧ ୨ ଟା ୫ ମିନିଟ ରେ ସେମାନେ ଗୋଟିଏ ଧୂସର ରଙ୍ଗର ହୋଣ୍ଡା ସିବି ୟୁନିକର୍ଣ୍ଣ ବାଇକ ନମ୍ବର ଓଡି ୩ ୦ଏ ୫ ୩ ୩ ୭ ରେ ଦୁଇ ଜଣଙ୍କର ମଧ ଭାଗରେ ଗୋଟିଏ ଜେରୀ ବ୍ୟାଗ୍ ସହିତ ଆସୁଥିଲେ। ପୋଲିସ୍ ପାର୍ଟି ଦେଖି ବାଇକ ଛାଡି ଦୁଇଜଣ ବ୍ୟକ୍ତି ଜଙ୍ଗଲ ଆଡକୁ ଦୌଡ଼ି ବାକୁ ଲାଗିଲେ, ପୋଲିସ୍ ପାର୍ଟି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ସନ୍ଧାନ ସମୟରେ ସେମାନେ ଗୋଟିଏ ଜରି ପ୍ୟାକେଟରେ ନେଟ୍ ଓଜନ ୨ ୨ କିଲୋଗ୍ରାମ ୧ ୦୦ ଗ୍ରାମ ଗଞ୍ଜେଇ ଦେଖିବାକୁ ପାଇଲେ । ପଚରାଯିବାରୁ ସେମାନେ ପ୍ରକାଶ କରିଛନ୍ତି ଯେ ପପଲୁର ପାର୍ଶ୍ୱରୁ ସହଜ ଲାଭ ପାଇଁ ବିକ୍ରୟ ଉଦ୍ଦେଶ୍ୟରେ ଆନ୍ଧ୍ର ଅଞ୍ଚଳକୁ ପରିବହନ କରୁଥିଲେ। ଏହି ପରିପ୍ରେକ୍ଷୀରେ ଚିତ୍ରକୋଣ୍ଡା ଥାନା ରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଓର୍କେଲ ଥାନା ତାରଲାକୋଟା ପଞ୍ଚାୟତ କଣ୍ଡାମାଡି ଗ୍ରାମର ଟିଲି ଗୋଲାରୀ (୩୭)ଓ ମଲାକି ପାଙ୍ଗି (୨ ୮ )। ଆଜି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିଲ କୁମାର ପରିଡା ପ୍ରକାଶ କରିଛନ୍ତି।

# ଏସୟୁଜେ ସହ ଜାନ ଅନୁବନ୍ଧିତ 'ସାମ୍ବାଦିକଙ୍କୁ ଜୀବନ ସାରା ମାସିକ ୫ ହଜାର ଟଙ୍କା ଭତ୍ତା ଦିଅ

ନୂଆପଡ଼ା ,୩୦/୧୦ (ନି.ପ୍ର): ଖଡ଼ିଆଳ ଫରେଷ୍ଟ ଡାକ ବଙ୍ଗଳ ଠାରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ ନୂଆପଡ଼ା(ଜାନ) ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନ ସଭାପତି ଘନଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ସାମ୍ବାଦିକ ସଂଘ(ଏସୟୁଜେ) ସଭାପତି କୈଳାସଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କାର୍ଯ୍ୟକାରୀ ସଭାପତି କିର୍ତ୍ତିଚନ୍ଦ୍ର ସାହୁ,ପର୍ଶ୍ଚିମ ଓଡିଶା ପ୍ରଭାରୀ ମହେନ୍ଦ୍ର ଦଜିର୍ ସମ୍ମାନିତ ଭାବେ ମଞ୍ଚାସୀନ ଥିଲେ। ଜାନ ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ ସମ୍ପାଦକୀୟ ବିବରଣି ପଠନ କରିଥିବା ବେଳେ ବରିଷ୍ଠ ସଦସ୍ୟ ମାୟାଧର ସରାଫ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଆଜି ଜିଲାର ସର୍ବପୁରତାନ କାର୍ଯ୍ୟରତ ସାମ୍ବାଦିକ ସଂଘ ଜାନ ଆନୁଷ୍ଠାନିକ ଭାବେ ଏସୟୁଜେ ସହ ଅନୁବନ୍ଧିତ ହୋଇଥିଲା। ଏଥି ପାଇଁ ରାଜ୍ୟ ସଭାପତି ସମେତ ପଦାଧିକାରୀ ମାନେ ନୂଆପଡ଼ା ଗସ୍ତ କରି ଜାନକୁ ଏସୟୁଜେରେ ବିଦ୍ଧିବଦ୍ଧ ଭାବେ ସାମିଲ କରିଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଜାନ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ କେବଳ କାର୍ଯ୍ୟରତ ସାମ୍ବାଦିକଙ୍କୁ ସାମିଲ କରିଛନ୍ତି। ପରିଣତ ବୟସରେ ସାମ୍ବାଦିକତା ଛାଡିବା ପରେ ଏହା କାମ କରିବ ନାହିଁ। ଯେଉଁ ସମୟରେ କି ଏହି ବୀମାର ଆବଶ୍ୟକତା ରହିଥିବ ସେହି ସୁବିଧା ପାଇବାରୁ ବଞ୍ଚିତ ହେବେ। ଏହି ସ୍ୱାସ୍ଥ୍ୟବୀମା ଓ ସରକାରଙ୍କ ଅନ୍ୟାନ୍ୟ ସହାୟତା ମୃତ୍ୟୁ ପର୍ଯ୍ୟନ୍ତ ଓ ତାଙ୍କ ପରିବାର ପାଇଁ କାର୍ଯ୍ୟକାରୀ ହେଉ। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟବୀମାର ସହାୟତା ରାଶିକୁ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି ହେଉ। ରାଜ୍ୟର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଜୀବନର ଶେଷକାଳ ପର୍ଯ୍ୟନ୍ତ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରନ୍ତୁ। ରାଜଧାନୀରେ ରାଜ୍ୟର ସାମ୍ବାଦିକଙ୍କୁ ବିଶ୍ରାମ ନେବା ପାଇଁ ଏକ ଭବନ ନିର୍ମାଣ ହେଉ। ସରକାରଙ୍କ ଅଧିସ୍ୱୀକୃତି ନିୟମରେ ମେଡିଆ ହାଉସର ସ୍ୱୀକୃତି ମାଗିଛନ୍ତି। ଏବେ ସାମ୍ବାଦିକମାନଙ୍କୁ ସରକାର ଚିହ୍ନଟ କରି ସାରିଛନ୍ତି। ଏଣୁ ସାମ୍ବାଦିକଙ୍କୁ ସରକାର ଅଧିସ୍ୱୀକୃତି ପ୍ରଦାନ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ରାଜ୍ୟ ସାମ୍ବାଦିକ ସଂଘ ସଭାପତି ଶ୍ରୀ ନାୟକ ଦାବୀ କରିଛନ୍ତି। ଶେଷରେ ଜାନର ବରିଷ୍ଠ ସଭ୍ୟ କୁନୁ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୨୨ ପାଳିତ

କେନ୍ଦ୍ରାପଡ଼ା ,୩୦/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ବିପର୍ଯ୍ୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୨୨ ଶନିବାର ଗ୍ରାମ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଏବଂ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବାତ୍ୟା, ବନ୍ୟା, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କେନ୍ଦ୍ରାପଡା ଜିଲ୍ଲାରେ ଲାଗି ରହିଥିବା ବେଳେ ଏହାର ମୁକାବିଲା ପାଇଁ ଆମସମସ୍ତଙ୍କୁ ସଜାଗ ରହିବାକୁ ପଡିବ ବୋଲି ଆହ୍ୱାନ ଦିଆ ଯାଇଥିଲା । ରାଜ୍ୟ ସରକାରଙ୍କ ନୀତି ଶୁନ୍ୟ ମୃତାହତ ସିଦ୍ଧାନ୍ତକୁ ସଫଳ କରିବାପାଇଁ ହେଲେ ପ୍ରାକୃତିକ ବିପର୍ଯ୍ୟୟ ହେବା ପୂର୍ବରୁ ଆମକୁ ସଚେତନ ଓ ସତର୍କ ରହିବା ସହ ପ୍ରାକୃତିକ ବିପର୍ଯ୍ୟୟ ପରବର୍ତୀ କାର୍ଯ୍ୟରେ ସକ୍ରିୟ ସହଯୋଗ ରହିଲେ ଆମେ ଏହି ବିପର୍ଯ୍ୟୟକୁ ସଫଳ ମୁକାବିଲା କରିପାରିବା । ଜିଲ୍ଲା ପ୍ରଶାସନ ବିଗତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ସ୍ଥାନାନ୍ତର କାର୍ଯ୍ୟ ଓ ବିପର୍ଯ୍ୟୟ ସମୟ ପରେ ଉଦ୍ଧାର କାର୍ଯ୍ୟ ଓ ଶୁଖିଲା ଖାଦ୍ୟ, ଔଷଧ, ପାଣି ପାଉଚ ଯୋଗାଣ ସମ୍ବନ୍ଧରେ ଉଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ । ୧୯୯୯ ମହାବାତ୍ୟାର ଭୟାବହତା, ତୀବ୍ରତା ଓ ତାର କ୍ଷୟକ୍ଷତି ଜଣା ପଡିବା ପରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇ ଥିଲା । ସଚେତନତା ସହଯୋଗ ଓ ସାମୁହିକ ଉଦ୍ୟମ ଫଳରେ ଆମେ ଏହି ପ୍ରାକୃତିକ ବିପର୍ଯ୍ୟୟ କୁ ସଫଳ ଭାବେ ମୁକାବିଲା କରି ପାରିଛେ। ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟରୁ ଏକ ସଚେତନତା ର୍ୟାଲି ବାହାରି ସହର ପରିକ୍ରମା କରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିପର୍ଯ୍ୟୟ ପରିଚାଳନାର ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇ କିଭଳି ବିପର୍ଯ୍ୟୟକୁ ମୁକାବିଲା କରାଯିବ ତାହାର ନମୁନା ପ୍ରଦର୍ଶନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ନେଚର୍ସ କ୍ଲବର ସଭାପତି ବିରଜା ପ୍ରସାଦ ପତିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶ ଗ୍ରହଣ କରେଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଂଟନ କରାଯାଇ ଥିଲା। ଜରୁରୀ କାଳୀନ ଅଧିକାରୀ ଅନନ୍ୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶାକୁ ଦୁର୍ନୀତି ମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମକୁ ସମର୍ଥନ କରନ୍ତୁ : ଯତୀଶଚନ୍ଦ୍ର ମହାନ୍ତି

ବଲାଙ୍ଗିର ,୩୦/୧୦ (ନି.ପ୍ର): ଓଡିଶା କୁ ଦୁର୍ନୀତି ମୁକ୍ତ ସମସ୍ୟା ରହିତ ରାଜ୍ୟରେ ପରିଣତ କରି ଏକ ସମୃଦ୍ଧ ଶିଳ ରାଜ୍ୟରେ ଓଡିଶା ଗଢିବା ପାଇଁ ସମୃଦ୍ଧ ଓଡିଶା ଦଳ ସହ ହାତ ମିଳାନ୍ତୁ ବୋଲି ସମୃଦ୍ଧ ଓଡିଶା ଦଳର ସଭାପତି ଯତୀଶଚନ୍ଦ୍ର ମହାନ୍ତି ସମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଜି ସ୍ଥାନୀୟ ସାମ୍ବାଦିକ ଭବନରେ ସମୃଦ୍ଧ ଓଡିଶା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିବା ବେଳେ ଦଳର ସଭାପତି ଡ. ମହାନ୍ତି ତାଙ୍କ ଦଳ କ୍ଷମତାକୁ ଆସିଲେ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ସଫଳ ଏବଂ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବ ବୋଲି ମତ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଓଡିଶାରେ ଆମକୁ ସେବା କରିବାର ସୁଯୋଗ ମିଳିଲେ ଭବିଷ୍ୟତ ପିଢିଙ୍କୁ ସୁଉଜ୍ୱଳ ଭବିଷ୍ୟତ ପ୍ରଦାନ ସହ ଓଡିଶା ରାଜ୍ୟକୁ ବିଶ୍ୱରେ ୧ ନମ୍ବର ସ୍ତରକୁ ଅଣାଯିବ ବୋଲି କହିଛନ୍ତି । ୧ କୋଟି ଯୁବ ପିଢିଙ୍କୁ ନିଯୁକ୍ତି/ ଆତ୍ମନିଯୁକ୍ତି, ୧ କୋଟି ଜମିକୁ ଜଳସେଚନ, ପ୍ରତି ପରିବାରର ସର୍ବନିମ୍ନ ମାସିକ ରୋଜଗାର ୨୦ ହଜାର ଟଙ୍କା, ଦୁର୍ନୀତିର ମୂଳ ଉତ୍ପାଟନ, ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଓ ଉତମ ସ୍ୱାସ୍ଥ୍ୟସେବା, ମହିଳା, ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ଉନ୍ନତି ଦିଗରେ ସମୃଦ୍ଧ ଓଡିଶା ଦଳ କାର୍ଯ୍ୟ କରିବା ସହ ଲୋକଙ୍କ ଦୁଆର ମୁହଁରେ ପ୍ରଶାସନ ପହଂଚିବ, ୫୦ ହଜାର ଗ୍ରାମ ଓ ୧୧୪ ସହର ବିକଶିତ ହେବ, ଜମି, ଜଳ, ଜଙ୍ଗଲ, ଖଣି ଓ ପରିବେଶର ସୁରକ୍ଷା କରାଯିବ, ଓଡିଆ ଭାଷାକୁ ସମ୍ମାନ ଦେଇ ସରକାର ଚାଲିବ ଏବଂ ସରକାରଙ୍କ ମୁଖ୍ୟ ନିଷ୍ପତିରେ ବିରୋଧି ଦଳ ଓ ସାଧାରଣ ଜନତାଙ୍କ ସହଭାଗିତା ରହିବ ବୋଲି ସଭାପତି ଡ. ମହାନ୍ତି ସ୍ପଷ୍ଟ ମତ ଦେଇଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ଡ. ମହାନ୍ତିଙ୍କ ସହ ଜିଲ୍ଲା ସଭାପତି ସନ୍ଦୀପ କୁମାର ବାଗ ମଧ ଉପସ୍ଥିତ ଥିଲେ ।

## ୭୧ତମ ଗୋ-ସମ୍ବର୍ଦ୍ଧନା ମହୋତ୍ସବ ପାଳିତ ଗୋମାତା ପୂଜନ

ନୂଆପଡ଼ା ,୩୦/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ପରିସର ମଧରେ ଜିଲ୍ଲା ପ୍ରାଣୀ ବିଭାଗ ପକ୍ଷରୁ ୭୧ତମ ଗୋ-ସାମ୍ବର୍ଦ୍ଧନା ମହୋତ୍ସ୍ୱ ପାଳିତ ଗୋମାତା ପୂଜନ ମହୋତ୍ସ୍ୱ ପାଳିତ ହୋଇଯାଇଅଛି। ଏହି ମହୋତ୍ସବ ରେ ମୁଖ୍ୟ ଅତିଥି ରୂପେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁଛନ୍ଦା ସାହୁ ଯୋଗ ଦେଇ ଗୋ ସମ୍ପଦ ବୃଦ୍ଧି ଗ୍ରାମାଂଚଳରେ ଆର୍ଥିକ ମାନଦଣ୍ଡରେ ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ମୁଖ୍ୟବକ୍ତା ରୂପେ ଯୁଗ୍ମ ନିର୍ଦ୍ଦେଶକ ଚିପିଲିମା, କେଶବ ଚରଣ ସାମନ୍ତରାୟ, ସମ୍ମାନିତ ଅତିଥି ରୂପେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା, ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ସଚିଦା ନନ୍ଦ ପଣ୍ଡା, ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ, ସମାଜସେବୀ ସଞ୍ଜୟ ତିୱାରୀ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ପ୍ରମୁଖ ମଂଚସିନ ହୋଇଥିବା ବେଳେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସଂଗ୍ରାମ କେଶରୀ ବେହେରା ଧନ୍ୟବାଦ ଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାର ଗୋ-ସମ୍ପଦ ବୃଦ୍ଧି ନେଇ ବ୍ୟାପକ ପଦକ୍ଷେପ ନେଇଛନ୍ତି।

# ଶିଶୁ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର ,୩୦/୧୦ (ନି.ପ୍ର): ଜୟପୁର ପୌର ସଭାଗୃହରେ ଶିଶୁ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିଶୁକୁ କିପରି ସୁରକ୍ଷା ଦିଆଯାଇପାରିବ ତାର ଆଇନଗତ ଦିଗ ଉପରେ ଜୟପୁର ପୌରାଞ୍ଚଳର କାଉନସିଲର ମାନଙ୍କୁ ସଚେତନ କରାଯାଇଥିଲା। କାଉନସିଲର ମାନେ ସିଧା ସଳଖ ଲୋକଙ୍କ ସହ ଜଡିତ ତେଣୁ ପୌର ସଭା ଗୃହରେ ଜିଲା ଶିଶୁ ସୁରକ୍ଷା ଅଧିକାରି ରାଜଶ୍ରୀ ଦାସ ସଚେତନ କରିଥିଲେ। ଶିଶୁ ମାନଙ୍କୁ ନିଯ୍ୟାତନା ଦେଉଥିବା ଦେଖିଲେ , ଶିଶୁଙ୍କୁ ଯୌନ ନିଯ୍ୟାତନା ଦେଉଥିଲେ, ଶିଶୁ ଶ୍ରମିକ ଆଦି କାଯ୍ୟ କରୁଥିଲେ ତୁରନ୍ତ ପୋଲିସ କିମ୍ବା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବାକୁ ସଚେତନ କରାଯାଇଥିଲା । ଏହି ଅବସରରେ ଅବହେଳିତ ଶିଶୁଙ୍କୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଶିଶୁର ମା ଗୁରତର ଅବସ୍ଥାରେ ଥିବାରୁ ଶିଶୁର ସୁରକ୍ଷା ପାଇ ହସ୍ତାନ୍ତର କରାଯାଇଛି । ଏହି ସଚେତନତା କାଯ୍ୟକ୍ରମରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ମାନଙ୍କୁ ନିଯ୍ୟାତନା ଦେଲେ କି ପ୍ରକାର ଦଣ୍ଡ ରହିଛି ସେ ନେଇ ସଚେତନ କରାଯାଇଥିଲା । ବାଲ୍ୟ ବିବାହକୁ ରୋକ ଲଗାଇବା କୁ ଗୁରତ୍ୱ ଦିଆଯାଇଥିଲ । ବାଲ୍ୟ ବିବାହ ଯୋଗୁଁ ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକା ରହିଛି । ତେଣୁ ବାଲ୍ୟ ବିବାହ କେଉଁ ଠାରେ ଚାଲିଥିଲେ ତାରୁ ବନ୍ଦ କରିବାକୁ ସଚେତନ କରାଯାଇଥିଲା।

# ଜୟପୁର ଜଗନ୍ନାଥ ସାଗରରେ ମାଟି ପକାଇଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଜୟପୁର, ୨୯/୧୦ (ହି.ସ.)- ଜୟପୁର ସହରର ଐତିହ୍ୟ ଜନ୍ନାଥ ସାଗରରେ ମାଟି ପକାଇ ତୋପା ଘଟଣା କୁ ନେଇ ଆଜି ଜୟପୁର ନାଗରିକ କମିଟି କ୍ଷୋଭ ପ୍ରକାଶ କରିଛି । କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଗତ ୨୦୧୨ ମସିହାରେ ସାଗରରେ ମାଟି ପକାଇଥିଲା । ଏନେଇ ଆଜି ଜୟପୁର ନାଗରିକ କମିଟିର ସଦସ୍ୟା ମାନେ ଜୟପୁର ପୌର କାର୍ଯ୍ୟ ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ତୁରନ୍ତ ସାଗରରେ ମାଟି ପକାଇ ଥିବା ଠିକା ଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ସାଗରରୁ ମାଟି କଢା ଯାଉ । ନଚେତ ହାଇକୋର୍ଟରେ ମାମଲା ରୁଜୁ କରାଯିବାକୁ ଚେତାବନୀ ଦେଇଛନ୍ତି । ବର୍ତମାନ ପୌର ପରିଷଦ ଉକ୍ତ ସ୍ଥାନରେ କାଫେ କରିବା ନିଷ୍ପତ୍ତିକୁ ବନ୍ଦ କରିବାକୁ ଦାବି କରାଇଛି । ଜଗନ୍ନାଥ ସାଗର ପୋତା ଘଟଣାରେ ଜଡିତ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ କରି ଏକ ଦାବୀ ପତ୍ର ପ୍ରଦାନ କରାଯିବ । ପୌରପରିଷଦର ମନମୁଖି କାର୍ଯ୍ୟାକଳାପ ଓ ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁରାତନ ଜଗନ୍ନାଥସାଗରର ରକ୍ଷା କରନ୍ତୁ। ଯାହା ଫଳରେ ଜୟପୁର ସହରର ପରିବେଶ ସନ୍ତୁଳିତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ରକ୍ଷା କରାଯାଇ ପାରିବ। ମାଟିକୁ ନ କଢ଼ି କଫେ ନିର୍ମାଣ କଲେ ଏହା ଦ୍ୱାରା ନିକଟରେ ରହିଥିବା ତୁଠ ପାହାଚ ପ୍ରଭାବିତ ହେବ । ସେମାନଙ୍କର ସ୍ନାନ ଶୌଚରେ ପ୍ରତିବନ୍ଧକ ସୃଷ୍ଟି ହେବ ତାସହିତ ଜଗନ୍ନାଥ ସାଗରର ଆୟତନ ପୁଣି ସଙ୍କୁଚିତ ହେବ। ଜଗନ୍ନାଥ ସାଗରକୁ ପରିଷ୍କାର ପରିଚ୍ଛନ୍ନ କରି ଏହାର ଆୟତନକୁ ବିସ୍ତାର କରିବା ପରିବର୍ତ୍ତେ ଏହାକୁ ଅବିଚାରିତ ଭାବେ ବିଭିନ୍ନ ଦିଗରୁ ପୋତି ଚାଲିଛନ୍ତି। ଏହି ବିଷୟ ପ୍ରତି ଗଭୀର ଭାବେ ଚିନ୍ତା କରି ଜୟପୁରବାସୀ ସ୍ୱାର୍ଥ ନିମନ୍ତେ ଏବଂ ଭବିଷ୍ୟତରେ ରହିଥିବା ବିଭିନ୍ନ ସଙ୍କଟକୁ ଏଡାଇବା ପାଇଁ ଏହି ମାଟି କୁ କଢାଯାଉ । ଆଜି ନାଗରିକ କମିଟିର ସଭାପତି ମିନ କେତନ ଦାଶ, ଗୀତା ପ୍ରକାଶ ମିଶ୍ର, ଜି ଭି ରାଓ ସଙ୍କର ପ୍ରହରାଜ, କୃଷ୍ଣ କେଶବ ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି ଘଟଣା ଗୁରୁତର ସହ ନେଇ ତତ କାଳୀନ ଉପଜିଲାପାଳ ଏପ୍ରିଲ ୨୦୧୯ ରେ ଠିକାଦାରକୁ ନୋଟିସ କରିଥିଲେ । ସେହି ସମୟରେ ନିବାଚନ ଥିବାରୁ କଥା ଦାବି ଯାଇଥିଲା। ତେଣୁ ପ୍ରଶାସନ ତୁରନ୍ତ ଠିକାଦର ଉପରେ କାୟନିଷ୍ଠାନ ଗ୍ରହଣ ନକଲେ ପ୍ରଶାସନ ଅଧିକାରି ଙ୍କ ନାମରେ ହାଇକୋର୍ଟ ରେ ମାମଲା ରୁଜୁ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୩୦/୧୦ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ତରଫରୁ ଏକ ନ୍ୟାସ୍‌ନାଲ୍ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭେନ୍ସା ୟୁନିଭର୍‌ସିଟିର ଇଂରାଜୀ ବିଭାଗର ଆସୋସିଏଟ୍ ପଫେସର୍ ଡ଼କ୍ଟର୍ ଖଗେନ୍ଦ୍ର ସେଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ "ପୋଷ୍ଟ କଲୋନିଆଲିଜିମ୍ :ପ୍ରସ୍ପେକ୍ଟିଭ୍‌ସ୍ ଏଣ୍ଡ୍ ପ୍ରାକ୍ଟିସେସ୍" ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗର ଅଧାପକ ଶକ୍ତି ଶେଖର ଦାଶ ଏହାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ବହୁ ସଂଖ୍ୟକ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଗଣ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ସୁବର୍ଣ୍ଣପୁର ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକ

ସୁବର୍ଣ୍ଣପୁର, ୩୦/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ଅଧକ୍ଷତା କରିଥିଲେ । ସଦସ୍ୟ ସଚିବ ତଥା ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ଖାଉଟି ସୁରକ୍ଷା ପରିଷଦର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ସୁରେଶ ପାଣିଗ୍ରାହୀ ବିଭିନ୍ନ ଖାଉଟି ଅଧିକାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଖାଉଟି ବିବାଦ ଓ ପ୍ରତିକାର ଆୟୋଗ ଅଧକ୍ଷ, ଉପାନନ୍ଦ ପୁରୋହିତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ , ରାଜ୍ୟ ଖାଉଟି ଫେଡେରେସନ ପ୍ରତିନିଧି ଶ୍ରୀ ଗୌରୀଶ୍ୟାମ ପଣ୍ଡା ପ୍ରମୁଖ, ଖାଉଟି ଆଇନ ଓ ଅଧିକାର ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ। ଏହି ଆଇନ ମାଧ୍ୟମରେ ଏହାର ସୁରକ୍ଷା ପାଇଁ ସମସ୍ତେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ବଲାଙ୍ଗୀର,୩୦/୧୦ (ନି.ପ୍ର): ୪ ଦଫା ଦାବି ୨୦୦୧ରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷା ସହାୟକ, ଗଣଶିକ୍ଷକ ଓ କନିଷ୍ଠ ଶିକ୍ଷକ ପଦବୀ ଉଚ୍ଛେଦ କରି ମୂଳ ଚାକିରିକୁ ଗଣନା କରି ୬ଟି ଇନକ୍ରିମେଣ୍ଟ ଦିଆଯାଉ, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ଏକ୍ସ କେଡର ପ୍ରାଥମିକ ଶିକ୍ଷକ ପଦବିକୁ ଉଚ୍ଛେଦ କରି ଏଲିମେଣ୍ଟରି କ୍ୟାଡରଭୁକ୍ତ କରିବା ଏବଂ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ଦେବା ରେ ଆଜି ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍ ?ପିଏସ୍ ?) ର ଆହ୍ୱାନ କ୍ରମେ ୧୪ଟି ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ ଏକ୍ସ କେଡର ପ୍ରାଥମିକ ଶିକ୍ଷକ ର ଏକ ଅଭୁତପୂର୍ବ ମେଳି ଦେଖିବାକୁ ମିଳିଥିଲା। ଆଜି ପ୍ରାୟ ୫ହଜାର ରୁ ଉର୍ଦ୍ଧ୍ୱ ଶିକ୍ଷକ ସ୍ଥାନୀୟ କଳାମଣ୍ଡଳ ପଡିଆରେ ଏକତ୍ରିତ ହୋଇ ଦିବା ଘ.୧୨ ସମୟରେ ଏକ ବଡ ପଟୁଆର, ପ୍ଲାକାର୍ଡ, ବେନର ଧରି ୪ ଦଫା ଦାବି ପୂରଣ ପାଇଁ ଗର୍ଜିଥିଲେ । ଏହି ଶିକ୍ଷକ ର ?ୟାଲି କଳାମଣ୍ଡଳ ପଡିଆରୁ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚ୍ ଥିଲେ । ଗଣତାନ୍ତ୍ରିକ ଧାରାରେ ଅହିଂସା ଉପାୟରେ ଶିକ୍ଷକମାନେ ସରକାରଙ୍କ ଉଦ୍ଦେଶ୍ୟରେ ଶ୍ଳୋଗାନ ମାଧମରେ ନିଜର ଦାବି ରଖିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ହୋଇଥିଲା । ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶିତୋଷ କୁମାର ପାଣିଗ୍ରାହୀ ସରକାରଙ୍କର ଆର୍ଥିକ ଦୁଃସ୍ଥିତ ସମୟରେ ପ୍ରତି ଶିକ୍ଷକ ୬ ବର୍ଷ କାଳ ଠିକାରେ ସ୍ୱଳ୍ପ ପାରିତୋଷିକ ରେ କାମ କରିଥିବା ବେଳେ ସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଓ ଠିକା ଚାକିରିକୁ ମୂଳ ଚାକିରିରେ ମିଶାଇବା ଐତିହାସିକ ନିଷ୍ପତ୍ତିରେ ଶିକ୍ଷକମାନଙ୍କୁ ବାଦ ଦିଆଯିବା ପ୍ରାଥମିକ ଶିକ୍ଷକ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଚରମ ଅବହେଳା ବୋଲି କହିଥିଲେ । ସହୃଦୟର ସହିତ ସରକାର ୪ ଦଫା ଦାବି ପୂରଣ ନ କଲେ ସରକାରଙ୍କ ପ୍ରତି ଶିକ୍ଷକମାନଙ୍କର ପୁଞ୍ଜିଭୁତ ଅସନ୍ତୋଷ ରାଜଧାନୀ ରାଜରାସ୍ତାରେ ପ୍ରତିଫଳିତ ହେବ ବୋଲି ସ୍ପଷ୍ଟ କରିଥିଲେ । ପେଟ ପାଟଣା ପାଇଁ ଲକ୍ଷ ଲକ୍ଷ ପ୍ରାଥମିକ ଶିକ୍ଷକଙ୍କର ଅଭୁତପୂର୍ଣ୍ଣ ରାଜରାସ୍ତା ଗର୍ଜିବ ଏବଂ ସରକାର ପରିସ୍ଥିତି ପାଇଁ ଦାୟୀ ରହିବ ବୋଲି କହିଥିଲେ । ଏଥିରେ ବରିଷ୍ଠ ଆଇନଜିବୀ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପେଟପାଟଣା ଓ ସ୍ୱାଭିମାନର ଲଢେଇ ବୋଲି କହିଥିଲେ । ଶିକ୍ଷକ ସଂଘର ସଂପାଦକ ଚକାନନ୍ଦ କମ୍ପ ଦାବି ପୂରଣ ପାଇଁ ଶିକ୍ଷକ ଏକତା କୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବି ସବୁ ବର୍ଗର ଶିକ୍ଷକ କର୍ମଠ, ଶୃଙ୍ଖଳିତ ଓ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ସଂଘର କାର୍ଯ୍ୟକାରୀ ସଭାପତି କରୁଣା ପୁଟେଲ, ଏକ୍ସ କେଡର ଶିକ୍ଷକ ସଂଘର ଜିଲ୍ଲା ସଭାପତି ଜୟନ୍ତିଲାଲ ସାହୁ, ସଂଜିବ ଷଡଙ୍ଗି, ଖପ୍ରାଖୋଲ ବ୍ଲକ ସଭାପତି ଶୁଶିଲ କୁମାର ପୋଡ, କନିଷ୍ଠ ଶିକ୍ଷକ କୁମୁଦ ବେଦ୍‌ବାକ୍ ୪ ଦଫା ଦାବିର ଯଥାର୍ଥ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ ତରଫରୁ ଡେପୁଟି କଲେକ୍ଟର ଦିବାକର ବାଗ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତିଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ର ଗ୍ରହଣ କରିଥିଲେ । ଏହି ଆନ୍ଦୋଳନକୁ ସଫଳ କରିବାରେ ୧୪ଟି ବ୍ଲକର ସଭାପତି, ସଂପାଦକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ବଲାଙ୍ଗିରରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ବଲାଙ୍ଗିର, ୩୦/୧୦ (ନି.ପ୍ର): ଆଜି ପୂର୍ବାହ୍ନ ରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ସଭା ଗୃହଠାରେ ରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ - ୨୦୨୨ ପାଳିତ ହୋଇଯାଇଅଛି । ଏହି ଦିବସ ରେ ଏନ.ସି.ସି., ଯୁବ ରେଡ କ୍ରସ, ଜିଲ୍ଲା ସ୍ତରୀୟ ଅଧିକାରୀ, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ର ।କୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇବା ମାତ୍ରେ ସତର୍କତା ଅବଲମ୍ବନ କଲେ ଅନେକାଂଶରେ ଧନ ଜୀବନ ରକ୍ଷା କରାଯାଇପାରିବ ବୋଲି କହିଥିଲେ ।ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେବା ସହ ଏହାର ମୁକାବିଲା କରିବା ପାଇଁ ସମସ୍ତ ସ୍ତରରେ ସଚେତନ ହୋଇ ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ସଚେତନତା ସଭାରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ରେଜିଷ୍ଟ୍ରାର ଶ୍ରୀ ଯୁଧିଷ୍ଠିର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠିର ଭୂମିକା ଓ ଯୁବ ସମାଜ କିଭଳି ଭାବରେ ବିପର୍ଯ୍ୟୟ କୁ ହ୍ରାସ କରିପାରିବେ ସେହି ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀମତୀ ରୀନା କୁମାରୀ ନାଏକ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଙ୍କ ଦ୍ୱାରା କରାଯାଉଥିବା ବିପର୍ଯ୍ୟୟ ର ମୁକାବିଲା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ବଲାଙ୍ଗିର ଜିଲ୍ଲା ରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ସମାଜ ର ଭୂମିକା ତଥା ଗୋଷ୍ଠୀ ର ସହଭାଗିତା ଓ ସହଯୋଗିତା ଉପରେ ଆଲୋଚନା କରିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ଶ୍ରୀ ସତ୍ୟବ୍ରତ ପ୍ରଧାନ, ଅଗ୍ନି ନିରାପତ୍ତା ଓ ବିଭିନ୍ନ ପ୍ରକାର ର ପ୍ର ।କୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବିଭାଗ ର ଭୂମିକା ଉପରେ ଉପରେ ବୁଝାଇ ଥିଲେ। ଓଡ୍ରାଫ ୟୁନିଟ , ବଲାଙ୍ଗିର ର ପ୍ରଶିକ୍ଷକ ଫଣୀନ୍ଦ୍ର ବିଶି ଏବଂ ବଲାଙ୍ଗିର ବିପର୍ଯ୍ୟୟ ପରିଚାଳନା ୟୁନିଟ ର ପରାମର୍ଶଦାତା ବିକାଶ ରଞ୍ଜନ କର ବିପର୍ଯ୍ୟୟ ପରିଚାଳନା ତଥା ବିଭିନ୍ନ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ । ସଭା ପରେ ଓଡ୍ରାଫ ୟୁନିଟ ଓ ଅଗ୍ନିଶମ ବିଭାଗ ବଲାଙ୍ଗିର ର କର୍ମଚାରୀ ମାନେ ବିପର୍ଯ୍ୟୟ ର ମୁକାବିଲା , ଉଦ୍ଧାର ଓ ଥଇଥାନ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ଓ ମକଡ୍ରିଲ ପ୍ରଦର୍ଶନ କରି ଥିଲେ। ଶେଷରେ ବିପର୍ଯ୍ୟୟ ପରିଚାଳନା ୟୁନିଟ ର ପରାମର୍ଶଦାତା ଶ୍ରୀ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




# ବିଳାସପୁର

ଛତିଶଗଡ଼ର ବିଳାସପୁର ସହର ଓ ଆଖପାଖରେ ବିଳାସପୁର ସହର ଓ ଆଖପାଖରେ ବହୁ ସୁନ୍ଦର ସୁନ୍ଦର ସ୍ଥାନ ରହିଛି ପ୍ରକୃତିପ୍ରେମୀ ଏହି ସବୁ ସ୍ଥାନ ବୁଲି ଦେଖିପାରିବେ। ବଣଭୋଜି କରିବା ଭଳି ଅନେକ ସ୍ଥାନ ମଧ୍ୟ ରହିଛି । ବିଳାସପୁର ଅଞ୍ଚଳରେ ।

ବିଳାସପୁର, ଛତିଶଗଡ଼ ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ସହର, ଯାହା ଐତିହାସିକ, ସାଂସ୍କୃତିକ ଓ ପ୍ରକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସମୃଦ୍ଧ । ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ରତନପୁରର କଳଚୁରୀ ରାଜବଂଶର ଶାସନ ସେଠାରେ ଥିଲା । କିନ୍ତୁ ମରାଠାମାନଙ୍କ ଶାସନ କାଳ ମଧ୍ୟରେ ଏହି ସହରର ପ୍ରସିଦ୍ଧି ବୃଦ୍ଧି ପାଇଥିଲା । ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଆଦର୍ଶ ବିକଳ୍ପ ।



**ରତନପୁର:**

ଏହି ପ୍ରାଚୀନ ସ୍ଥଳ ତା'ର ପ୍ରାଚୀନ ସଂରଚନା ପାଇଁ ପ୍ରସିଦ୍ଧ । ଏହି ସହରକୁ ରାଜା ରତନ ଦେବ ନିର୍ମାଣ କରିଥିଲେ । ଦର୍ଶନୀୟ ସ୍ଥାନ ମଧ୍ୟରୁ ସେଠାରେ ଥିବା ମହାମାୟା ମନ୍ଦିର ଅନ୍ୟତମ । ମୁଖ୍ୟ ଆକର୍ଷଣ ମଧ୍ୟରୁ ରତନପୁର ଫୋର୍ଟ ରହିଛି । ଏହି ଅଦ୍ଭୁତ କିଲ୍ଲାକୁ ଦେଖିବା ପାଇ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଳାସପୁର ସହରରୁ ଏହା ୨୫ କି.ମି ଦୂରରେ ଅବସ୍ଥିତ ।



**ଦେବରାନୀ ମନ୍ଦିର:**

ଏହି ମନ୍ଦିରରେ ପ୍ରସ୍ତର ନିର୍ମିତ ଅର୍ଦ୍ଧଭଗ୍ନ ଦେବରାନୀ ମନ୍ଦିର, ଶିବ ମନ୍ଦିର ରହିଛି ଯାହାର ମୁଖ ପୂର୍ବ ଦିଗକୁ ରହିଛି । ମନ୍ଦିରର ପଛ ପାର୍ଶ୍ୱରେ ମନିୟାରୀ ନଦୀ ପ୍ରବାହିତ ହେଉଛି । ସେଠାରେ ଗର୍ଭଗୃହ, ଅନ୍ତରାଳ ଏବଂ ଖୋଲା ସ୍ଥାନଯୁକ୍ତ ଶଙ୍କରା ମୁଖମଣ୍ଡପ ଅଛି । ମୁଖମଣ୍ଡପରେ ପ୍ରବେଶ ଦ୍ୱାରା ଅଛି । ମନ୍ଦିର ସ୍ଥଳୀରେ ହିନ୍ଦୁ ବିଶ୍ୱାସ ଅନୁସାରେ ବିଭିନ୍ନ ଦେବୀ ଦେବତା, ପୌରାଣିକ ଆକୃତି, ପୁଷ୍ପାଙ୍କନ ଏବଂ ବିବିଧ ଜ୍ୟାମିତିକ ଏବଂ ଅଜ୍ୟାମିତିକ ଅଙ୍କନଯୁକ୍ତ ପ୍ରତିମା ଏବଂ ବାସ୍ତୁଖଣ୍ଡ ରହିଛି ।

**ଅଚାନକମାନର ବନ୍ୟଜୀବ ଅଭୟାରଣ୍ୟ:**

ପାଖାପାଖି ୫୫୫ ବର୍ଗ କି.ମି କ୍ଷେତ୍ରରେ ବ୍ୟାପ୍ତ ଏହି ଅଭୟାରଣ୍ୟ ବିଭିନ୍ନ ବନସ୍ପତି ଓ ଜୀବଜନ୍ତୁଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିଥାଏ । ଘନ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଅଭୟାରଣ୍ୟକୁ ୨୦୦୯ରେ ଏକ ଟାଇଗର ରିଜର୍ଭ ଭାବରେ ଘୋଷଣା କରାଯାଇଥିଲା ।





**ଖୁଣ୍ଟାଘାଟ:**

ଖୁଣ୍ଟାଘାଟ ମୁଖ୍ୟତଃ ରିଭର ଡ୍ୟାମ ପାଇଁ ପ୍ରସିଦ୍ଧ। ଏହା ଖାରୁନ ନଦୀରେ ନିର୍ମିତ ହୋଇଛି । ମୁଖ୍ୟ ସହରଠାରୁ ୩୩ କି.ମି ଦୂରରେ ଅବସ୍ଥିତ ଏହା ଏକ ଲୋକପ୍ରିୟ ଡ୍ୟାମ୍ । ବିଳାସପୁର-ଅମ୍ବିକାପୁର ହାଇୱେ ପାର୍ଶ୍ୱରେ ଏହା ଅବସ୍ଥିତ । ଏକ ଲୋକପ୍ରିୟ ପିକ୍‌ନିକ୍ ସ୍ପଟ୍ ହୋଇଥିବାରୁ ସ୍ଥାନୀୟ ନିବାସୀମାନେ ମଧ୍ୟ ସେଠାକୁ ଭ୍ରମଣ ପାଇଁ ଅଧିକ ସଂଖ୍ୟାରେ ଯାଇଥାନ୍ତି ।



**ତାଲାଗାଓଁ:**

ବିଳାସପୁର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଶୃଙ୍ଖଳାରେ ମୁଖ୍ୟ ସହରଠାରୁ ୩୦ କି.ମି ଦୂରରେ ଅବସ୍ଥିତ ତାଲାଗାଓଁ ଏକ ସୁନ୍ଦର ଗ୍ରାମ, ଯାହା ମନିୟାରୀ ନଦୀ କୂଳରେ ଅବସ୍ଥିତ । ଏହି ସ୍ଥଳ ଦେବରାନୀ-ଜେଠାନୀ ମନ୍ଦିର ପାଇଁ ପ୍ରସିଦ୍ଧ ।



**ଜେଠାନୀ ମନ୍ଦିର:**

ଦକ୍ଷିଣାଭିମୁଖୀ ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । ଭଗ୍ନାବଶେଷ ଭାବରେ ଢାନ ସଂରଚନାକୁ ଅନାବୃତ୍ତ କରାଯାଇଛି । ତେଣୁ କେହି ମଧ୍ୟ ଏହାକୁ ଦେଖି ଏହାର ଭୂ- ନିର୍ମାଣ ଯୋଜନା ବିଷୟରେ ଜାଣିପାରିବ । ସମ୍ମୁଖ ଭାଗରେ ଗର୍ଭଗୃହ ଭାଗ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦିଗପାଳ ଦେବତା ବା ଗଜମୁଖ ଚବୁତରାରେ ନିର୍ମିତ କରାଯାଇଛି । ନିଃସନ୍ଦେହ ତାଲାସ୍ଥିତ ସ୍ମାରକଗୁଡ଼ିକର ଅବଶେଷ ଭାରତୀୟ ସ୍ଥାପତ୍ୟକଳାର ବିଲକ୍ଷଣ ଉଦାହରଣ ।



**କେବେ ଯିବେ:** ବିଳାସପୁରରେ ମହାଦ୍ୱୀପୀୟ ଓ ମନସୁନ ପରି ପାଗ ଦେଖିବାକୁ ମିଳେ । ସେଠାରେ ଗରମ ଦିନେ ଅଧିକ ଗରମ ହୁଏ ଓ ଶୀତ କମ୍ ହୁଏ । ବର୍ଷା ସୀମିତ ମାତ୍ରାରେ ହୁଏ । ତେଣୁ ପର୍ଯ୍ୟଟକମାନେ ଶୀତ ଦିନରେ ସେଠାକୁ ଗଲେ ଉପଭୋଗ କରିପାରିବେ ।

**କିପରି ଯିବେ:** ଆକାଶ ମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବିଳାସପୁରରେ ଥିବା ବିମାନବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ଟ୍ୟାକ୍ସି ଯୋଗେ ଭ୍ରମଣ ସ୍ଥାନକୁ ଯାଇପାରିବେ । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେର ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟରୁ ବିଳାସପୁର ଅନ୍ୟତମ । ରେଲୱେ ଷ୍ଟେସନରୁ ଅଟୋ, ଟାଙ୍ଗା ଦ୍ୱାରା ସହର ମଧ୍ୟକୁ ପହଞ୍ଚି ପାରିବେ ।

# କୋରମା ରାଇସ୍

**ଆବଶ୍ୟକ ସାମଗ୍ରୀ:**

ଦେଢ଼ କପ୍ ଚାଉଳକୁ ୩୦ ମିନିଟ୍ ପାଇଁ ପାଣିରେ ଭିଜାଯାଇ ଛଣାଯିବ, ଘିଅ-୨ ଚାମଚ, ଗୁଜୁରାତି, ଲବଙ୍ଗ, ତେଜପତ୍ର-୨ଟି ଲେଖାଏଁ, ଡାଲଚିନି-୨ ଇଞ୍ଚ, ଲୁଣ-ସ୍ୱାଦ ଅନୁସାରେ, ହଳଦୀ ପାଉଡର-୨ ଚୁଟ୍‌କି, ୧ ଚାମଚ ପୋସ୍ତ ଓ ୩ଟା କାଜୁର ପେଷ୍ଟ ।

କୋରମା ପାଇଁ: ଦେଢ଼ କପ୍ ଗଜାମୁଗ, ଘିଅ-୨ ଚାମଚ, ଅଦା, ରସୁଣ ପେଷ୍ଟ-୧ ଚମେଚ, ଗୁଜୁରାତି-୨ଟି, କଟା ଯାଇଥିବା ପିଆଜ-୧ଟି, ଧନିଆ ଓ ଲଙ୍କା ଗୁଣ୍ଡ-୧ ଚାମଚ ଲେଖାଏଁ, କଟାଯାଇଥିବା ଟମାଟୋ-୧ଟି, କ୍ଷୀର-ଅଧା କପ୍, ଫ୍ରେସ୍ କ୍ରିମ୍-୧ କପ୍, ଲୁଣ-ସ୍ୱାଦ ଅନୁସାରେ । ଅନ୍ୟ ସାମଗ୍ରୀ ଘିଅ-୨ ଚାମଚ, କ୍ଷୀର-୨ ଚାମଚ ।




**ପ୍ରଣାଳୀ:**

ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଘିଅ ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଲବଙ୍ଗ ଓ ତେଜପତ୍ର ପକାଇ ମଧ୍ୟମ ଆଞ୍ଚରେ କିଛି ସମୟ ରଖାଯିବା । ସେଥିରେ ଚାଉଳ ପକାଇ ମଧ୍ୟମ ଆଞ୍ଚରେ ୧ ମିନିଟ୍ ପର୍ଯ୍ୟନ୍ତ ଭଜା ହେବ । ଏବେ ତିନି କପ୍ ଗରମ ପାଣି ଢାଳି ଲୁଣ ଓ ହଳଦୀ ମିଶାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ । ୧୦ ମିନିଟ୍ ପାଇଁ ଘୋଡ଼େଇ ଦିଅନ୍ତୁ । ଭାତ ହେବା ପରେ ସମାନ ଭାବରେ ତିନି ଭାଗ କରିଦିଅନ୍ତୁ ।

**କୋରମା ପାଇଁ:**

ଅନ୍ୟ ଏକ ପ୍ୟାନ୍‌ରେ ଘିଅ ଗରମ କରି ଅଦା, ରସୁଣ ପେଷ୍ଟ ଓ ଗୁଜୁରାତି ପକାଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ପାଇଁ ଭାଜନ୍ତୁ । ଧନିଆ ପାଉଡର, ଲଙ୍କା ପାଉଡର ଓ ଟମାଟୋ ପକାଇ-୨-୩ ମିନିଟ୍ ଭାଜନ୍ତୁ । ଗଜା ମୁଗ, ଅଧା କପ୍ ପାଣି ଓ ଲୁଣ ମିଶାଇ ଗୋଳେଇ ୫ ମିନିଟ୍ ଆଞ୍ଚ ଉପରେ ରଖି ଏହାକୁ ଅଲଗା କରି ରଖନ୍ତୁ। କାଜୁ, ପୋସ୍ତ ପେଷ୍ଟ, କ୍ଷୀର ଓ ଫ୍ରେସ୍ କ୍ରିମ୍‌କୁ ଏକ ବାଉଲ୍‌ରେ ମିଶାଇ ୨ ମିନିଟ୍ ପର୍ଯ୍ୟନ୍ତ ରନ୍ଧା ଯିବ । କୋରମାକୁ ଦୁଇ ଭାଗରେ ବାଣ୍ଟି ରଖାଯିବ । ଅନ୍ୟ ଏକ ବାଉଲ୍‌ରେ ଘିଅ ଲଗାଇ ଭାତର ଏକ ଭାଗକୁ ମିଶାଇ ଚାମଚରେ ସମାନ କରି ପ୍ରସ୍ତୁତ କୋରମାକୁ ତା' ଉପରେ ପକାଇ ସମାନ ଭାବରେ ଖେଳେଇ ଦିଅନ୍ତୁ । ପୁଣି ଭାତ ଓ କୋରମାକୁ ଆଉ ଏକ ସ୍ତରରେ କରି ସେହିପରି ରଖନ୍ତୁ । ତା' ଉପରେ କ୍ଷୀର ପକାଇ ପ୍ରଥମରୁ ଗରମ ଥିବା ଓଭେନ୍‌ରେ ୧୮୦ ଡିଗ୍ରୀ ତାପମାନରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ବେକ୍ କରନ୍ତୁ । ଏବେ ଗରମ ଗରମ ଖାଇବାକୁ ଦିଅନ୍ତୁ ।

# ଗରମ ପାଣି ବିଳମ୍ବରେ ଗରମ ହୁଏ

ସମସ୍ତେ ଜାଣିଛନ୍ତି ପାଣି ଗରମ କରିବାକୁ ହେଲେ ଉପଯୁକ୍ତ ତାପମାତ୍ରା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ବି ଦେଖିବାକୁ ପଡ଼ିଥାଏ । ଆମ ସମସ୍ତଙ୍କର ଧାରଣା ଥାଇପାରେ ଯେ ଗରମ ପାଣିକୁ ଗରମ କଲେ ଶୀଘ୍ର ଗରମ ହୋଇଯାଏ । ତାହା କିନ୍ତୁ ଭୁଲ, ଗରମ ବଦଳରେ ଥଣ୍ଡାପାଣିକୁ ଗରମ କଲେ, ତାହା ଶୀଘ୍ର ଗରମ ହେବା ସହିତ କମ ଜାଳେଣି ବି ଖର୍ଚ୍ଚ ହୁଏ । ଏ ବାବଦରେ ତାଞ୍ଜାନିଆର ଜଣେ ଛାତ୍ର ଗବେଷଣା କରି ଏହାକୁ ପ୍ରକାଶ କରିବା ପରେ ବୈଜ୍ଞାନିକମାନେ ପ୍ରଥମେ ଖଣ୍ଡନ କରୁଥିଲେ ବି ପରେ ସ୍ୱୀକାର କରିଥିଲେ ।



# ଲଣ୍ଡନରେ ବେଶୀ ଭାରତୀୟ ରେଷ୍ଟୁରାଣ୍ଟ




ଖାଦ୍ୟ କେବଳ ମଣିଷର ରୁଚି ଅନୁସାରେ ନୁହେଁ ସ୍ୱାଦ ଅନୁସାରେ ବି ଆଦର ରହିଛି । ଯେଉଁ ରେଷ୍ଟୁରାଣ୍ଟରେ ସ୍ୱାଦ ଭଲ, ସେଠାରେ ଗହଳି ଲାଗିଯାଏ । ଯଦି ଦେଖାଯାଏ ବମ୍ବେ କିମ୍ବା ଦିଲ୍ଲୀ ଭଳି ମହାନଗରୀରେ ଯେତିକି ଭାରତୀୟ ରେଷ୍ଟୁରାଣ୍ଟ ନାହିଁ, ତାହାଠାରୁ ଯଥେଷ୍ଟ ଅଧିକ ଲଣ୍ଡନରେ ରହିଛି । ଲଣ୍ଡନରେ ଭାରତୀୟ ଖାଦ୍ୟପଦାର୍ଥର ଯଥେଷ୍ଟ ଆଦର ରହିଛି । ଭାରତୀୟ ରେସିପ ହିଁ ଲଣ୍ଡନରେ ଅଧିକ ଲୋକପ୍ରିୟ । ସେଥିପାଇଁ ମୂଳ ଭାରତୀୟ ତଥା ବାଂଲାଦେଶର ଅଧିକାଂଶ ଲୋକମାନେ ଲଣ୍ଡନରେ ନାମିଦାମୀ ରେଷ୍ଟୁରାଣ୍ଟର ମାଲିକ ବୋଲି ଜଣାପଡ଼ିଛି । ଭାରତୀୟ ଖାଦ୍ୟର ଚାହିଦା ଥିବାରୁ ପ୍ରାୟ ୧୫ ହଜାରରୁ ଅଧିକ ରେଷ୍ଟୁରାଣ୍ଟ ଲଣ୍ଡନରେ ଦେଖିବାକୁ ମିଳିଥାଏ, ଯାହା ମୁମ୍ବାଇ ଭଳି ଭାରତୀୟ ମହାନଗରରେ ଦେଖିବାକୁ ମିଳି ନଥାଏ ।



# ଅଣ୍ଡା ଭଲ କି ଖରାପ ଜାଣିବାର ଉପାୟ

ଆମେମାନେ ବଜାରରୁ ବିଭିନ୍ନ ଜିନିଷ କିଣିବା ବେଳେ ଭଲ କି ଖରାପ ଦେଖି କିଣିଥାନ୍ତି । ପୋକା, ପୋଚରା କି ଖରାପ ଜିନିଷକୁ ଛାଡ଼ି ଭଲ ଜିନିଷ କିଣୁଥାଉ । କିନ୍ତୁ ଏମିତି କିଛି ଜିନିଷ ବଜାରରେ ମିଳେ ଯାହା ଦେଖିଲେ ବି ଜାଣିବା ସମ୍ଭବ ହୋଇପାରେ ନାହିଁ । ସେମିତି ଅନେକଥର ବଜାରରୁ ଅଣ୍ଡା କିଣିବା ବେଳେ ଆଖିକୁ ସିନା ଭଲ ଅଣ୍ଡା ଦେଖାଯାଏ ହେଲେ ପରଖିବା ପାଇଁ ସେମିତି କିଛି ମାଧ୍ୟମ ନଥାଏ । ଭଲ କି ଖରାପ ଅଣ୍ଡା ଜାଣିବାକୁ ହେଲେ ତାକୁ ପାଣିରେ ପକାଇଦେଲେ ଜଣାପଡ଼ିଥାଏ । ଯେଉଁ ଅଣ୍ଡା ଖରାପ ତାକୁ ପାଣିରେ ପକାଇଦେଲେ ତାହା ଭାସିଥାଏ । ବାସ୍ତବରେ ଅଣ୍ଡା କେତେଦିନ ତଳର କିମ୍ବା ଠିକ୍ ଅଛିକି ନାହିଁ ଜାଣିବା ପାଇଁ ହେଲେ ପାଣିରେ ବୁଡ଼େଇ ହିଁ ପରୀକ୍ଷା କରାଯାଇପାରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଲକ୍ଷ୍ମୀ, ଗଣେଶ, ଭାଗ୍ୟଦେବୀ...

ସଂଶୟବାଦୀ, ବିଶେଷକରି ହିନ୍ଦୁ ଦେବଦେବୀ, ଧର୍ମ ଉପାସକର ସଂଶୟବାଦୀଙ୍କ ପାଇଁ ସାମ୍ପ୍ରତିକ ସମୟ ଅନେକ ଆଶ୍ୱାସନା ନେଇ ଆସୁଛି; ତେଣୁ ସେମାନେ ନିରାଶ ହେବାର କିଛି ନାହିଁ । କାରଣ, ଆମର ନେତାମାନେ ହିନ୍ଦୁ ଦେବଦେବୀମାନଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରୁଛନ୍ତି, ଏମିତିକି ଦେଶର ଲୋକମାନେ ଯେତେବେଳେ ଦୈନନ୍ଦିନ ଜୀବନର ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ସେମାନଙ୍କଠାରୁ କିଛି ଆଶା ରଖୁଛନ୍ତି, ନେତାମାନେ ଦେବଦେବୀ ସବୁକିଛିର ସମାଧାନ କରିଦେବେ ବୋଲି କହୁଛନ୍ତି । ସଦ୍ୟତମ ଉଦାହରଣ ଭାବରେ ନିଆଯାଇପାରେ ଆମ୍ ଆଦମୀ ପାର୍ଟିର ମୁଖ୍ୟ ତଥା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିଓ୍ୱାଲଙ୍କ ଏଇ ମାତ୍ର ଦୁଇ ତିନିଦିନ ତଳର କଥାକୁ ବର୍ତ୍ତମାନ ସମୟର ଭାରତୀୟ ରାଜନୀତିରେ କେଜିଓ୍ୱାଲଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ବିଶେଷକରି ଏକ ଆଞ୍ଚଳିକ ରାଜନୀତିକ ଦଳ ଭାବରେ ପ୍ରଥମ ଥର ପାଇଁ ଯେବେଠୁ ତାଙ୍କ ଦଳ ପଞ୍ଜାବ ରାଜ୍ୟ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ହାସଲ କରି ଶାସନ କଲାଣି, ସେବେଠାରୁ ଭାରତୀୟ ଜାତୀୟ କଂଗ୍ରେସ ଦଳ ସହିତ ଏହାକୁ କିଛି ରାଜନୀତି ସମୀକ୍ଷକ ସମାନ ବିବେଚନା କରୁଛନ୍ତି । କେଜ୍ରିଲଙ୍କ ଏଭଳି ପ୍ରସ୍ତାବ କେବଳ ତାଙ୍କ ଦଳର ଚିନ୍ତାଧାରାର ସୀମିତତାକୁ ଦର୍ଶାଉ ନାହିଁ, ବରଂ ବେଳକୁ ବେଳ ବୃଦ୍ଧି ପାଉଥିବା ହିନ୍ଦୁତ୍ୱର ଆକର୍ଷଣକୁ ଦର୍ଶାଉଛି । ଏକ ସାମ୍ବାଦିକ ସମ୍ମିଳନୀରେ । ଭାରତୀୟ ଅର୍ଥନୀତିର ଅବସ୍ଥା ଉପରେ ଚିନ୍ତା ପ୍ରକଟ କରି ସେ କହିଛନ୍ତି ଯେ 'ଆମର ଅର୍ଥନୀତିକୁ ପୁଣିଥରେ ପ୍ରଗତିର ପଥକୁ ଫେରାଇ ଆଣିବାକୁ ଅନେକଗୁଡ଼ିଏ ଉଦ୍ୟମ କରାଯିବା ବ୍ୟତୀତ ଆଉ ଯାହା ଆବଶ୍ୟକ, ତାହା ହେଉଛି ଆମ ଦେବଦେବୀମାନଙ୍କ ଆଶୀର୍ବାଦ । 'ଭାରତୀୟ ମୁଦ୍ରା ନୋଟଗୁଡ଼ିକରେ... ଗୋଟିଏ ପାର୍ଶ୍ୱରେ ଗାନ୍ଧିଜୀଙ୍କ ଛବି ରହିଛି... ଏହା ଯେମିତି ଅଛି, ସେମିତି ରହିବା ଉଚିତ... ଆମେ ଯଦି ନୋଟର ଆରପଟେ ଗଣେଶ ଜୀ ଏବଂ ଲକ୍ଷ୍ମୀ ଜୀଙ୍କ ଛବି ରଖୁବା, ତା' ହେଲେ ସମଗ୍ର ଦେଶ ସେମାନଙ୍କ ଆଶୀର୍ବାଦ ଲାଭ କରିବ ।" କେବଳ ଏତିକି ନୁହେଁ, ନିଜ କଥାର ଯଥାର୍ଥତା ପ୍ରତିପାଦିତ କରିବାକୁ ଯାଇ ସେ ଇଣ୍ଡୋନେସିଆର ମୁଦ୍ରା କଥାକୁ ଉଦାହରଣ ଭାବରେ ଉପସ୍ଥାପନ କରିଥିଲେ- ଏକ ମୁସଲମାନ ବହୁଳ ଦେଶ ହୋଇ ସୁଦ୍ଧା ଏହାର ମୁଦ୍ରାରେ 'ଶ୍ରୀଗଣେଶ ଜୀଙ୍କ ଛବି ରହିଛି । ତାଙ୍କର ଏଭଳି ଉତ୍ତରକୁ କ'ଣ କୁହାଯିବ ? ଅନ୍ୟ ସମୟ ହୋଇଥିଲେ ଦେଶରେ ବର୍ତ୍ତମାନ ଦେଖା ଦେଇଥିବା ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ଏବଂ ବେକାରୀ ସମସ୍ୟା ପରିପ୍ରେକ୍ଷୀରେ ତାଙ୍କର ଏଭଳି ଉତ୍ତରକୁ ଏକ ପରିହାସ ବୋଲି ବିବେଚନା କରାଯାଇଥାନ୍ତା । କିନ୍ତୁ ସମଗ୍ର ପରିବେଶର ଗାମ୍ଭୀର୍ଯ୍ୟକୁ ନିଜ ହାତରେ ଶେଷ କରିଦେବା ଭଳି କାମ କରି ଅର୍ଥାତ୍ ସମୁଦାୟ ଘଟଣାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ଭଳି ଏକ କ୍ଲିପ୍'ରେ ପରିଣତ କରିଦେଇ ଆର ସର୍ବୋଚ୍ଚ ମୁଖୁଆ ତାଙ୍କ ଉପରେ ସ୍ଥାପନ କରାଯାଉଥିବା ଭରସାକୁ ଫୁଙ୍କାରରେ ଉଡ଼ାଇ ଦେବା ଭଳି କାମ କରିଛନ୍ତି କହିବା କଦାଚିତ୍ ଅସମୀଚୀନ ହେବ । ଯେଉଁମାନେ ନିମ୍ନ ସ୍ତରର ନେତା ବା ବ୍ୟକ୍ତିବିଶେଷ, ସେମାନଙ୍କୁ ସେପରି କରିବାକୁ ଛାଡ଼ିଦେବା ବିଜ୍ଞତାର ପରିଚାୟକ, ବିଶେଷତଃ କେଜିଓ୍ୱାଲଙ୍କ ଭଳି ଜଣେ ନେତାଙ୍କ ପାଇଁ । ଏହା ପରିବର୍ତ୍ତେ ବରଂ ଆପ୍ ବିଜେପି ଦ୍ୱାରା ପ୍ରଦାନ କରାଯାଉଥିବା ବିବୃତିଗୁଡ଼ିକୁ ଅଧ୍ୟୟନ କରି ସେସବୁର ଉପଯୁକ୍ତ ପ୍ରତ୍ୟୁତ୍ତର ରଖୁବା ଭଳି ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିବା ଆବଶ୍ୟକ, କାରଣ କ'ଣ କୁହାଗଲା, ତା'ର ମହତ୍ତ୍ୱ ସବୁବେଳେ ନିର୍ଭର କରିଥାଏ । କହିଥିବା ବକ୍ତାର ସାମାଜିକ ପ୍ରତିଷ୍ଠା ଓ ଭାବମୂର୍ତ୍ତି ଉପରେ ମନେହୁଏ, କେଜିଓ୍ୱାଲ ମନ୍ତବ୍ୟ ପ୍ରଦାନକାରୀମାନଙ୍କ ଭାଷାରେ 'କୋମଳ ହିନ୍ଦୁ'ର ପନ୍ଥା ଆପଣାଇ ଭାଗ୍ୟଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁଛନ୍ତି; ତାଙ୍କ ଭାଗ୍ୟର ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି । କାରଣ, ଏହା ପୂର୍ବରୁ ସେ ନିଜକୁ ଜଣେ ହନୁମାନ ଭକ୍ତ ଭାବରେ ପ୍ରତିପାଦିତ କରିବାର ଉଦ୍ୟମ ମଧ୍ୟ କରି ସାରିଛନ୍ତି । କିନ୍ତୁ ତାଙ୍କର ମନେ ରଖୁବା ଉଚିତ ଯେ ଯେଉଁସବୁ ଅଣ-ବିଜେପି ଦଳ କୋମଳ ହିନ୍ଦୁତ୍ୱକୁ ନେଇ ପରୀକ୍ଷା ନିରୀକ୍ଷା କରିଛନ୍ତି, ସେମାନେ ସେଥିରେ ବିଫଳ ହୋଇଛନ୍ତି । ଏହାର କାରଣ ମଧ୍ୟ ଅତି ସହଜ ଯଦି ଜଣେ ଭୋଟର ହିନ୍ଦୁତ୍ୱ ଆଧାରରେ ଏକ ରାଜନୀତିକ ଦଳକୁ ନିର୍ବାଚିତ କରିବ, ତା'ହେଲେ ସେ ହିନ୍ଦୁତ୍ୱ ଦଳ ଭାବରେ ପରିଚିତ ବିଜେପିକୁ ଛାଡ଼ି ସେହି ଦଳକୁ କାହିଁକି ବାଛିବ ? ପୁନଶ୍ଚ, ଏମିତିରେ ବି ଏକ ବିରୋଧୀ ଦଳର ଦେଶର ଅର୍ଥନୀତିକ ଅବସ୍ଥାକୁ ସମାଲୋଚନା କରିବାର ସମସ୍ତ ପ୍ରକାରର ଅଧିକାର ରହିଛି । ସଙ୍ଗେ ସଙ୍ଗେ ମୁଦ୍ରାର ଅବମୂଲ୍ୟାୟନକୁ ରୋକିବାରେ କେବଳ ଐଶ୍ୱରିକ ହସ୍ତକ୍ଷେପ ବା ଈଶ୍ୱରୀୟ ଆଶୀର୍ବାଦ ହିଁ ଏକମାତ୍ର ସହାୟ ବୋଲି ମଧ୍ୟ ବିରୋଧୀ ଦଳଟିଏ କହି ପାରିବ । କିନ୍ତୁ କେଜ୍ରିଓ୍ୱାଲଙ୍କର ମନକୁ ମନ ଖୁସି ହେବା ଭଳି କଥନିକା ନା ତ ଏକ ଶାଣିତ ମନ୍ତବ୍ୟ, ନା ମଧ୍ୟ ବିଜେପିର ହିନ୍ଦୁତ୍ୱ ପ୍ରତି ଏକ ସମ୍ବେଦନଶୀଳ ପ୍ରତିକ୍ରିୟା କହିବା ବାହୁଲ୍ୟ, କେଜ୍ରିଲ ଏକ ଲକ୍ଷ୍ୟ ତ ହାସଲ କରିଛନ୍ତି, କିନ୍ତୁ ଏହା କେବଳ ତାଙ୍କ ନିଜକୁ ବୋଧ ଦେବା ଭଳି ଲକ୍ଷ୍ୟ ଭିନ୍ନ କ୍ୱଚିତ୍ ଅନ୍ୟ କିଛି ।

## ରସାତଳର ପୃଥିବୀ

ଶ୍ରୀ ପରେଶ ଚନ୍ଦ୍ର ସାହୁ

ଭକ୍ତ ପ୍ରହ୍ଲାଦର ଭଗବାନଙ୍କ ଠାରେ ଅତୁଟ ବିଶ୍ୱାସ ଥିଲା । ତାଙ୍କ ପିତା ହିରଣ୍ୟକଶ୍ୟପ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ । ପ୍ରହ୍ଲାଦ ଉପରେ ଏକ ରକମର ଅତ୍ୟାଚାର କରୁଥିଲେ । ବିଭିନ୍ନ ଚ୍ୟାଲେଞ୍ଜକୁ ପ୍ରହ୍ଲାଦ ଅନାୟାସରେ ସମ୍ମୁଖୀନ ହେଉଥିଲେ ଏବଂ ଜୟଲାଭ କରୁଥିଲେ । ଭଗବାନ ସର୍ବସ୍ୱ ବିଦ୍ୟମାନ ବୋଲି ପ୍ରହ୍ଲାଦ ଯୁକ୍ତି ବାଢୁଥିଲେ । ଶେଷରେ ଗୋଟିଏ ଖମ୍ବକୁ ଲକ୍ଷ୍ୟ କରି "ତୋ ଭଗବାନ କ'ଣ ଏଇଠି ଅଛନ୍ତି ?" ହିରଣ୍ୟକଶ୍ୟପ କହିବାରେ ପ୍ରହ୍ଲାଦ ହଁ ଅଛନ୍ତି କହିଲେ । ଏଥିରେ ତାଙ୍କ ପିତା ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଖମ୍ବଟିକୁ ଗଦା ଦ୍ୱାରା ପ୍ରହାର କରନ୍ତେ ଭଗବାନ ନୃସିଂହ ରୂପ ଧାରଣ କରି ହିରଣ୍ୟକଶ୍ୟପକୁ ଜଂଘରେ ଧାରଣ କରି ବକ୍ଷକୁ ବିଦୀର୍ଣ୍ଣ କରି ତାର ଅନ୍ତ କରିଥିଲେ । ଏ ଘଟଣା ପରେ ତାର ସାନ ଭାଇ ହିରଣ୍ୟାକ୍ଷ ପୃଥିବୀକୁ ରସାତଳକୁ ନେଇଗଲା ଏବଂ ପରେ ଭଗବାନ ବରାହ ଅବତାର ଧାରଣ କରି ପୃଥିବୀକୁ ରସାତଳରୁ ଉଦ୍ଧାର କରିଥିଲେ । ଇଏ ହେଲା ପୁରାଣ କଥା । ବାସ୍ତବରେ ରସାତଳ କ'ଣ ? ରସାତଳ, ମହୀତଳ ଇତ୍ୟାଦି ହେଉଚି ପାତାଳ । ଅମର କୋଷ ଅନୁସାରେ ଅଧୋଭୁବନ ପାତାଳ, ବଳିସଦନ, ରସାତଳ, ନାଗଲୋକ ଏ ପାଂଚ ନାମ ପାତାଳର । ପାତାଳକୁ ସନ୍ଧି କଲେ ପତ + ଆଳ, ଅର୍ଥାତ ପଡ଼ି ରହିବାର ବାହାନା ବା ଆଳ । ସାପ ଯେମିତି ପଡ଼ିରହିଥାଏ । ସେଠାକାର ଅନ୍ତେବାସୀ ଗଣଙ୍କୁ ଯଥାର୍ଥରେ ନାରକ ବା ପ୍ରେତ କୁହାଯାଏ । ପ୍ରେତ ବା ଅତୃପ୍ତ ଆତ୍ମା ମଣିଷର ଆରମ୍ଭ ସ୍ୱର୍ଗରୁ । ସ୍ୱର୍ଗରେ ଦେବତାମାନେ ବାସ କରନ୍ତି । ଯେତେବେଳ ପର୍ଯ୍ୟନ୍ତ ମଣିଷ ଠାରେ ଦେବତ୍ୱ ଅକ୍ଷୁର୍ଣ୍ଣ ଅବସ୍ଥାରେ ଥାଏ ତଥା ପୂର୍ଣ୍ଣ ଦେବତ୍ୱର ପ୍ରକାଶ ଘଟୁଥାଏ ତାଙ୍କୁ ଆମେ ଦେବତା ବା ଦେବ କହିପାରୁ । ସେମାନେ ସ୍ୱର୍ଗ ବର୍ଗର ଅବସ୍ଥା ଚକ୍ରରେ ପଡ଼ି ମଣିଷ ଯେତେବେଳେ ପାପ (ଅବୈଧ କର୍ମ) ଯୁକ୍ତ ହୋଇଯାଏ ଦେବତ୍ୱର ଅଧଃପତନ ଘଟେ ଏବଂ ସେ ନିମ୍ନଗାମୀ ହୁଏ । ସେ ଆଉ ନିର୍ଭୀକ ହୋଇ ନପାରି ସିଂହ ଚେତନାକୁ ହରାଇ ବସେ । ନୃସିଂହ ଚେତନାର ବିଲୋପ ସାଧନ ହୋଇଥାଏ । ମଣିଷ ଭୟମୁକ୍ତ ହୋଇଯାଏ । ଚରମ ସ୍ୱାର୍ଥପର ହୋଇ ହିତାହତ ଜ୍ଞାନ ଭୁଲିଯାଏ । ବିଭିନ୍ନ ପ୍ରକାର ଅପକର୍ମ କରି ପାପଯୁକ୍ତ ହୋଇଯାଏ ଏବଂ ରସାତଳକୁ ଚାଲିଯାଏ । ଯେତେବେଳେ ଏଇ ଭଳିଆ ଲୋକଙ୍କର ସଂଖ୍ୟାରେ ପୃଥିବୀ ପୂର୍ଣ୍ଣ ହୋଇଯାଏ, ତାର ପ୍ରଭାବରେ ପୃଥିବୀ ରସାତଳକୁ ଚାଲିଯାଏ । ତାଙ୍କ ଠାରେ ଦାନ କିମ୍ବା ପ୍ରଦାନ ଭାବ ନଥାଏ । ଏପରିକି ବଦାନ୍ୟତା ବି ଦେଖିବା ପାଇଁ ମିଳିନଥାଏ । ଥାଏ ଛଳନା, ପ୍ରତାରଣା । ମଣିଷ ଦୁଇପାଦରେ ଛିଡ଼ା ହୋଇଥାଏ । ପଶୁମାନେ ଛିଡ଼ା ହେବା ପାଇଁ ଚାରିଗୋଡ଼ର ସାହାରା ନିଅନ୍ତି । ରସାତଳର ପୃଥିବୀର ଅନ୍ତେବାସୀଗଣ ସରୀସୃପ ଭଳିଆ ପୂରା ଶରୀରର ଓଜନକୁ ଉଠାଇବା ପାଇଁ ସକ୍ଷମ ହୋଇନଥାନ୍ତି । ଆଗରୁ କୁହାଯାଇଛି ଏ ଅଂଚଳର ଅନ୍ତେବାସୀଙ୍କୁ ପ୍ରେତ କୁହାଯାଏ । ପ୍ରେତ ବା ଅତୃପ୍ତ ଆତ୍ମା । ଆତ୍ମାକୁ ଚରିତାର୍ଥ କରିବା ପାଇଁ ଶରୀର ସକ୍ଷମ ହୋଇପାରେ ନାହିଁ । ତା'ଛଡ଼ା ଆତ୍ମା ନଥିବା ହେତୁ ଏମାନେ ସ୍ୱର୍ଗକୁ ଯାଇ ପାରନ୍ତି ନାହିଁ । ଚେତନାଶୂନ୍ୟ ଅବସ୍ଥାରେ ପଡ଼ି ରହନ୍ତି ଏବଂ ପରେ ଭାବନାଯୁକ୍ତ, ଦୁର୍ବଳ, ଅସହାୟ ମଣିଷର ଅବସ୍ଥା ପ୍ରାପ୍ତ ହୁଅନ୍ତି ।

ରସାତଳ ରସର ତଳ ବା ନିମ୍ନ ଭାଗ । ଶ୍ରୀକୃଷ୍ଣଙ୍କର ରାସଲୀଳା ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯାହାର ସରଳ ଅର୍ଥ ହେଲା ରସ ବା ମଧୁର ସମ୍ପର୍କ । ଦ୍ୱାରିକାଲୀଳା ଆମକୁ ଏଇ ଶିକ୍ଷାଦିଏ ଉତ୍ତମ ସହାବସ୍ଥାନ । ମଧୁର ସମ୍ପର୍କ ରଖି ବସବାସ କରିବା । ରସାତଳର ପୃଥିବୀର ଅନ୍ତେବାସୀଙ୍କ ଠାରେ ନଥାଏ ରସ, ରାସଲୀଳା, ମଧୁର ସମ୍ପର୍କ । ଥାଏ ତିକ୍ତତା । ଜୀବନର ତିକ୍ତ ଅନୁଭୂତିକୁ ଅନ୍ୟଠାରେ ଲଦି ଦିଅନ୍ତି । ଅପେକ୍ଷା ବଦଳରେ ଉପେକ୍ଷା । ପାତାଳକୁ ମଧ୍ୟ ନାଗଲୋକ କୁହାଯାଏ । କାହାର କିଛି ଭୁଲ ନଥିଲେ ମଧ୍ୟ ସାପ ତାକୁ ଦଂଶନ କରିଥାଏ । ସାପ ସହ ଶତ୍ରୁତା ନକରି ମଧ୍ୟ ସେଇ ଇଲାକାକୁ କେବଳ ଗଲେ ସାପ ଦଂଶନ କରିଥାଏ । ଏଠାକାର ଅନ୍ତେବାସୀଗଣ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ । ଯୋଉଁଟା ଆମେ ଇଂରାଜୀରେ କହିଥାଉ **Highly reactive** । ଯେହେତୁ ଏମାନେ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ବିବେକ ଓ ବିଚାରଶକ୍ତି ପ୍ରାୟତଃ ଲୋପ ପାଇଯାଇଥାଏ ।

ଯଦି ବର୍ତ୍ତମାନର ପୃଥିବୀ ବିଷୟରେ ଆମେ ଚିନ୍ତା କରିବା ଦେଖିବା ପୃଥିବୀଟି ରସାତଳକୁ ଚାଲିଯାଇଛି । ଧର୍ମ ଆଉ ନାହିଁ । ନା ଅଛି ନୀତି ନା ରୀତି, ନା ରୁଚି । ସାପ କୁମ୍ଭୀର ଯେପରି ଗିଳି ପକାନ୍ତି ସବୁଠି **Swallowing habit** । ଖାଦ୍ୟ ଠାରୁ ଔଷଧ ସବୁ ଖାଲି ଗିଳି ପକାଉଛନ୍ତି । ୧୮୫୭ ର ସିପାହୀ ବିଦ୍ରୋହରେ ସିପାହୀମାନଙ୍କର ସ୍ୱାଭିମାନର ସ୍ୱର ଉଠିଥିଲା । ଇଂରେଜମାନେ ତାକୁ ଦୃଢ଼ ହସ୍ତରେ ଦମନ କଲେ । ସତେ ଯେପରି ଲକ୍ଷ୍ମଣ ଚିର ନିଦ୍ରାରେ ଶୋଇଗଲା । ଲୋକଙ୍କ ଠାରେ ଚେତନା ଲୋପ ପାଇ ଭାବନା ଜାଗ୍ରତ ହେବାରେ ଲାଗିଲା । ଆରମ୍ଭ ହୋଇଗଲା **Politics** ଯାହା ଏବେ ଚରମ ସୀମାରେ ପହଂଚିଛି । ମିଥ୍ୟା ପ୍ରତିଶ୍ରୁତିର ପରମ୍ପରା । ଚିଟ୍ ଫଣ୍ଡ ଠକେଇ ଠାରୁ ଆରମ୍ଭ କରି ବନ୍ଧୁତ୍ୱର ଦ୍ରୋହୀ ପର୍ଯ୍ୟନ୍ତ । ଯକ୍ଷ ରାକ୍ଷସ ମାନଙ୍କର ପ୍ରାଦୁର୍ଭାବ । କ୍ଷମତା ଲୋଭ ଏବଂ ସମ୍ପତି ଠୁଳ । ଦିନ ଥିଲା ମୁନି ଋଷିମାନେ ଗୋଟିଏ, ଦିନର ଖାଦ୍ୟ ଥିଲେ ପରଦିନ କଥା ଚିନ୍ତା କରୁନଥିଲେ । ମାଟି ତଳର ପାଣି ଖଣିଜ ସମ୍ପଦ, କୋଇଲା, ତୈଳ ସମ୍ପଦ ଆଦି ଗଚ୍ଛିତ ସମ୍ପତ୍ତିକୁ ବିନିଯୋଗ କରି ଅର୍ଥ ଉପାର୍ଜନ ରେ ଲାଗି ପଡ଼ିଛନ୍ତି । ସାତ ପୁରୁଷ ପାଇଁ ଟଙ୍କା ଠୁଳ କରି ରଖୁଛନ୍ତି । ଧର୍ମ ଉପରେ ଭୀଷଣ ଚାପ । ପୃଥିବୀଟା ଆଉ କେତେଦିନ ପରେ ସରିଯିବ । ପୃଥିବୀକୁ ଆମେ ରତ୍ନଗର୍ଭା କହୁଛୁ । **Earth** ମାନେ ମାଟି । କୃଷିବିତ୍ ମାନେ ଭବିଷ୍ୟବାଣୀ କଲେଣି ମାଟିରେ ଆଉ ମାଟି ରହିବନି । ରହିଯିବ ଖାଲି ବାଲି । ମାଟିର ମୁଖ୍ୟ ଉପାଦାନ ଉକ୍ଷବଛ ତଥା କ୍ୟାଲସିୟମ, ମ୍ୟାଗ୍ନେସିୟମ । ଏସବୁ ରହୁନାହିଁ । ଅମ୍ଳତା ବୃଦ୍ଧି ପାଉଛି । ବିଭିନ୍ନ ପ୍ରକାର ଅଣୁସାର ତଥା ଫସଫରସ ଗଛକୁ ଉପଲବ୍ଧି ହେଉନାହିଁ । ପାଣିର ସ୍ୱଚ୍ଛତା କମି ଯାଉଛି । ମଣିଷ ଠାରେ ମଧ୍ୟ ସ୍ୱଚ୍ଛତା କମିଯାଉଛି । କ୍ୟାଲସିୟମର ଅଭାବ ପରିଲକ୍ଷିତ ହେଉଛି । ହାଡ଼ ଦୁର୍ବଳ ହେଉଛି । ଅଳ୍ପ ବୟସରୁ ଦାନ୍ତ ପଡ଼ିବା ଆରମ୍ଭ ହୋଇ ଯାଉଛି । ଦୁର୍ବଳ ମଣିଷ କଣ ବା କରିବ । ଶରୀର ଗଠନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ନିଃସହାୟ ସହିତ ଅସହାୟତା ବଢ଼ି ଯାଉଛି । ମଣିଷ ତାର ସଂଜ୍ଞା ହରଉଛି । ସମାଜର ବୋଝକୁ ହାଲୁକା କରିବ କ'ଣ ନିଜେ ଗୋଟେ ବୋଝ ପାଲଟି ଯାଉଛି । ସର୍ବଶେଷ ପରିଣାମ ଅସହଯୋଗ । ଅସହଯୋଗତାର ଯେଉଁ ମଞ୍ଜି ବପନ କରାଯାଇଥିଲା ସେଇଟା ଆମ ପାଇଁ ବୁମେରାଂ ହୋଇଯାଇଛି । ସେ ଏବେ ଯକ୍ଷ । **Lack of illumination capacity, fuse bulb** । ଅନ୍ଧକାର ଭିତରକୁ ଚାଲିଯାଉଛି । ଦେବତା ମାନେ ଅମୃତ ବା ଆଲୋକ ଦାନ କରି ଅମର । ମାତ୍ର ଯକ୍ଷ ମାନେ ଅନ୍ଧକାରକୁ ଆମନ୍ତ୍ରଣ କରି ନର୍କଗାମୀ ହେଉଛନ୍ତି । ଯକ୍ଷ, ଯାହାର ମୁକ୍ତି ନାହିଁ । ମୁକ୍ତି ଅର୍ଥ ଋକ୍ସରର । ଏମାନେ **Free** ନୁହଁନ୍ତି । ସରଳ ଅର୍ଥରେ କହିବାକୁ ଗଲେ ଏମାନଙ୍କର କାମ ନାହିଁ କି ଫୁରସତ ନାହିଁ । ମୂଷା ଯେପରି ନକରାତ୍ମକ କାମରେ ନିଜକୁ ବିନିଯୋଗ କରିଥାଏ ଏମାନଙ୍କର କାମ ସବୁ ସେଇୟା । ବିଦ୍ୟା ଅପେକ୍ଷା ଅବିଦ୍ୟା ହାସଲରେ ଏମାନେ ପଟୁ । ସଂଚୟ ଦିଗରେ ବେଶୀ ପଇସା ଖର୍ଚ୍ଚ ହୋଇଯାଉଛି । ରସାତଳର ପୃଥିବୀ । ପରିମଳ ବ୍ୟବସ୍ଥା ଏସବୁ ଅଂଚଳର ସବୁଠାରୁ ଅଧିକ ବିପର୍ଯ୍ୟସ୍ତ । ମ୍ଳେଚ୍ଛତ୍ୱ ଏମାନଙ୍କର ଚିର ସହଚର । ଯେହେତୁ ଏମାନେ ପ୍ରାୟତଃ ସ୍ଥାଣୁ, ଅଳସ୍ୟକୁ ଅଧିକ ଗୁରୁତ୍ୱ ଦିଅନ୍ତି । କର୍ମ କରି ପ୍ରଗତି ଅପେକ୍ଷା କୌଣସି ଉପାୟରେ ସମ୍ପତ୍ତି ଠୁଳ କରି ବସି ଖାଇବାକୁ ଅଧିକ ପସନ୍ଦ କରନ୍ତି । ତେଣୁ ଅତ୍ୟଧିକ ରୋଗାଗ୍ରସ୍ତ ମଧ୍ୟ ହଉଛନ୍ତି । ଲୋଭ ବଢ଼ିଯାଏ । ପାପ ବଢ଼ିଯାଏ । ଆସକ୍ତି ବଢ଼ିଯାଏ । ଆସକ୍ତି ଶୂନ୍ୟ ନହେଲେ ବୈରାଗ୍ୟ ଆସେ ନାହିଁ । ବ୍ରହ୍ମଚର୍ଯ୍ୟ ପାଳନ ଏମାନଙ୍କ ଦ୍ୱାରା ହୁଏ ନାହିଁ । ଜନସଂଖ୍ୟା ବୃଦ୍ଧିରେ ସହାୟକ ହୁଅନ୍ତି । **They perform sex as and when required** । କହିବା ବାହୁଲ୍ୟ ଏମାନଙ୍କର ନୀତି ମାନବ ଧର୍ମର ଓଲଟା । ମଣିଷ ସ୍ୱର୍ଗକୁ ଯିବା ପାଇଁ ବାଟ ଖୋଜୁଥିବା ବେଳେ ଏମାନଙ୍କର ମାର୍ଗ ନର୍କକୁ । ଏଠିକାର ବାସିନ୍ଦା ନିମ୍ନ ବର୍ଗ ତଥା ନୀଚ ମଧ୍ୟ । ଯିଏ ପଛରେ ଅଛି ତାକୁ ଆଗକୁ ନବା ସହଜ । ମାତ୍ର ଯିଏ ତଳେ ଅଛି ତାକୁ ଆଗକୁ ନବା ପାଇଁ ହେଲେ ପ୍ରଥମେ ତଳୁ ଉପରକୁ ଆଣିବା ଦରକାର । ସ୍ୱାଧୀନତା ସମୟରେ ଶ୍ରୀଅରବିନ୍ଦ ଠିକ୍ ଏଇ କଥା କହିଥିଲେ । **Spiritually develop** ନକରାଇ ତାଙ୍କୁ ସ୍ୱାଧୀନତା ଦବାର ମାନେ, କିଛି ନାହିଁ । ଅନ୍ଧକାରରୁ ଆଲୋକ ଆଡ଼କୁ ନବା ଯେ କୌଣସି କଠିନ କାର୍ଯ୍ୟ ଠାରୁ କମ୍ ନୁହେଁ ।

ପୃଥିବୀଟା ଯେ ରସାତଳକୁ ଚାଲିଯାଇଛି କେବଳ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୁହେଁ । ଚେତନା ବଦଳରେ ଭାବନା ବିଶ୍ୱାସ ବଦଳରେ ସନ୍ଦେହ, ଅପେକ୍ଷା ବଦଳରେ ଉପେକ୍ଷା, ସ୍ନେହ ପ୍ରେମ ବଦଳରେ ଧୋକା ଇତ୍ୟାଦି ଦେଖା ଦଉଛି । ମଣିଷ ଦିନେ ଝରଣା ପାଣି ପିଉଥିଲା, ତା'ପରେ ନଦୀ, ନାଳ, ପୋଖରୀ । ଏବେ ସେଲୋ, ବୋରୱେଲ । ମାଟିର ଜଳସ୍ତର ଯେତେ ତଳକୁ ଯାଉଛି ପୃଥିବୀଟି ସେତେ ନିମ୍ନଗାମୀ ହେଉଛି । ଭୂତଳ ଜଳର ବିନିଯୋଗ ଏତେ ମାତ୍ରାରେ ବଢ଼ିଯାଇଛି, ବିକଶିତ ହେଉଥିବା ସହର ଦିନେ ପାଣି ବିନା ଆଉ ବାସପୋଯୋଗୀ ହୋଇ ରହିବ ନାହିଁ । ଭୁବନେଶ୍ୱରର ବାସିନ୍ଦା ଏବେ ଅକ୍ଷେ ବହୁତ ଅନୁଭବ କଲେଣି ।

ସାଧାରଣ ଭାବରେ ପୃଥିବୀ ରସାତଳକୁ ଯିବା ଅର୍ଥ ନିମ୍ନ ସ୍ତରକୁ ଯିବା ବା ନିମ୍ନଗାମୀ ହେବା । ସ୍ୱଚ୍ଛତା କମିଯିବା, ଦୁର୍ନୀତି ବଢ଼ିଯିବା, ଶୃଙ୍ଖଳା କମିଯିବା, ଅଧର୍ମ ବଢ଼ିଯିବା ଇତ୍ୟାଦି । ଧର୍ମର ସରଳ ଅର୍ଥ ହେଲା ଯେଉଁ ଆଚରଣ ବିଧି ଆମକୁ ଜୀବନ ଆଡ଼କୁ ନେଇଯାଏ ଏବଂ ତାର ବିପରୀତ ଅଧର୍ମ । ଅର୍ଥାତ ମଣିଷ ଏବେ ମୃତ୍ୟୁ ଆଡ଼କୁ ମୁହାଁଉଛି । ପାପ କରି ପୂର୍ଣ୍ଣ କରିଦେଲେ ପାପ କ୍ଷୟ ହୋଇଯାଏ ନାହିଁ । ଦରକାର ପାଶ୍ଚାତାପ । ଠାକୁର ପୂଜା କରିଦେଲେ ଧର୍ମ ହୋଇଯାଏ ନାହିଁ । ଉଚ୍ଚାରଣ ଏବଂ ଆଚରଣ ଭିତରେ ସମନ୍ୱୟର ଆବଶ୍ୟକତା ରହିଛି । ମିଛି କହି ମଣିଷ ତାର ସରଳତା ହରଉଛି । ଗଙ୍ଗୋତ୍ରୀର ଗଙ୍ଗା । ପବିତ୍ର ଜଳରାଶି ବହନ କରି ବାହାରିଥାଏ । ସମୁଦ୍ର ପହଂଚିବା ବେଳକୁ ତାର ଅବସ୍ଥା କଣ ବର୍ଣ୍ଣନା କରିବାର ଅବଶ୍ୟକ ନାହିଁ । ଦୂଷିତ, ବିଷାକ୍ତ ଏବଂ କଳୁଷିତ । ମଣିଷ ନିମ୍ନଗାମୀ ହୋଇ ତାର ସ୍ୱାଦ ବି ବଦଳି ଗଲାଣି । ପରିଷ୍କାର ପାଣିରେ ଲୁଣ ଟିକିଏ ପକେଇଲେ ଲୁଣର ସ୍ୱାଦ ବାରିହେବ । ମାତ୍ର ଲୁଣିଆ ପାଣିରେ ଯଦି ଲୁଣ ପକାଯିବ ! ମଣିଷ ତାର ସଂଜ୍ଞା ହରାଉଛି । ବିବେକ, ବିଚାରଶକ୍ତି ଶୂନ୍ୟ ହୋଇ ମର୍ଯ୍ୟାଦା ହାନୀ କରୁଛି । ଭଗବାନ ଶ୍ରୀରାମଚନ୍ଦ୍ର ସମୁଦ୍ର ପାରହୋଇ ମର୍ଯ୍ୟାଦା ହାନୀ କରୁଥିବା ରାବଣର ଅନ୍ତ କରିଥିଲେ । ବର୍ତ୍ତମାନ "ଲଙ୍କାକୁ ଯିଏ ଗଲା ସିଏ ଅସୁର" ଭଳିଆ ମଣିଷ ଯକ୍ଷ ରାକ୍ଷସ ପରମ୍ପରାକୁ ଆପଣାଇ ନେଇ ପୃଥିବୀକୁ ରସାତଳକୁ ନେଇ ଯାଉଛି ।


♥ ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ

ମୋ-୯୪୩୭୦୬୮୯୧୯


## ବାଲେଶ୍ୱର ପାଇଁ ଭଲ ଖବର



ସୁବ୍ରତ କର

ସବୁଠୁ ବଡ଼ ଖବର ହେଉଛି ବାଲେଶର ଫକୀରମୋହନ ମେଡିକାଲ କଲେଜ ଧିରେ ଧିରେ ନୂଆ ରୂପ ନେଉଛି ଏବଂ ଆଗକୁ ମାଡୁଛି । ୨୦୨୨-୨୩ ମସିହାରେ ଏହି କଲେଜର ଡାକ୍ତରମାନଙ୍କୁ ପାଠ ପଢ଼ିବା ପାଇଁ ଅନୁମତି ମିଳିଛି । ଏହି ବିଭାଗଗୁଡ଼ିକ ହେଲା ପେଡିଆଟ୍ରିକ ୪ଜଣ ଏନାସ୍ଥେସିଆ ଚକ୍ଷୁ (୪ଜଣ), ଫେମେଲି ମେଡିସିନରେ ୪ଜଣ, ସ୍ତ୍ରୀ ଓ ପ୍ରସୁତି ବିଭାଗ ପାଇଁ ୪ଜଣ, ଆଖି ପାଇଁ ୨ଜଣ, ଇ.ଏନ.ଟି ପାଇଁ ୨ଜଣ ଏବଂ ରେଡିଓଲଜି ପାଇଁ ୨ଜଣ ଡାକ୍ତରୀ ଛାତ୍ର ପାଠ ପଢ଼ିବା ପାଇଁ ବଛା ହେବେ ଏବଂ ଏହି କାର୍ଯ୍ୟକ୍ରମଟି ନଭେମ୍ବର ୧୧ ତାରିଖ ସୁଦ୍ଧା ସରିବ । ବାଲେଶ୍ୱରବାସୀ ଖୁସୀ ହେବେ କାରଣ ଭବିଷ୍ୟତରେ ପି.ଜି ଶ୍ରେଣୀ ଖୋଲିବାରେ ଏହି ଡିପ୍ଲୋମା ପାଠ୍ୟକ୍ରମ ସାହାଯ୍ୟ କରିବ ଏବଂ ସେତେବେଳେ ଏହା ଅନ୍ୟ ମେଡିକାଲ କଲେଜ ସହିତ (କଟକ, ବରହମପୁର ଏବଂ ସମ୍ବଲପୁର) ସମକାର୍ଯ୍ୟ ହେବ ବୋଲି ଆଶା କରିବା ଏବଂ ଆମ ପାଖରେ ଅତି ଅଭିଜ୍ଞ ପ୍ରଫେସର ମାନେ ସହଜରେ ମିଳିବେ । କଟକ କିମ୍ବା ଭୁବନେଶ୍ୱରକୁ ଦୂରାରୋଗରେ ପିଡ଼ିତ ଥିବା ରୋଗୀଙ୍କୁ ଟଙ୍କା ଖର୍ଚ୍ଚ କରି ଯିବାକୁ ପଡ଼ିବ ନାହିଁ । ଏହା ସମ୍ଭବ ହେଲା କାରଣ ଏନ୍‌ବିଇଏମଏସକୁ କଲେଜ ତରଫରୁ ଏବଂ ବିଭାଗ ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ଏବଂ ସେହି ପ୍ରସ୍ତାବଟି ଉପରେ ଏକ ଅଭିଜ୍ଞ ଦଳ କଲେଜ ଦେଖିଲା ପରେ ଏହାକୁ ଗ୍ରହଣ କରିଥିଲେ । ଏହାପାଇଁ ୫ ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷାରିତ ହୋଇଛି । ଏହି ପାଠ୍ୟକ୍ରମ ପାଇଁ ନ୍ୟାସନାଲ ମେଡିକାଲ କମିଶନର ଗ୍ରହଣ କରି ଜଣାଇବାର ଅଛି ଏବଂ ଏକ ବିଶେଷ ସୂତ୍ରରୁ ଖବର ଯେ ଏହା ଅତି ଶିଘ୍ର ହେବାକୁ ଯାଉଛି ।

ଏ ବର୍ଷ ଆମ ରାଜ୍ୟରେ ସର୍ବମୋଟ ସିଟ ସଂଖ୍ୟା (ଏମ.ବି.ବି.ଏସ୍) ୧୮୬୭ । ସେଥିରୁ ଆମ ରାଜ୍ୟର ଭାଗ ହେଉଛି ୧୬୩୫ ପୁଣି ଏହା ଭିତରୁ ୧୪୮୧ଟି ଏମ.ବି.ବି.ଏସ ଓ ୧୫୪ଟି ବି.ଜି.ଏସ । ଏବେ ରାଜ୍ୟରେ ଥିବା ୧୦ଟି ସରକାରୀ ଓ ଦୁଇଟି ଘରୋଇ ମେଡିକାଲ କଲେଜ ଅନ୍ତର୍ଭୁକ୍ତ । ଆମ ବାଲେଶ୍ୱର ମେଡିକାଲ କଲେଜ ୮୫ଟି ସିଟରେ ନାମ ଲେଖା ହେବ ଏବଂ ଆଉ ୧୫ଜଣ ବାହାର ରାଜ୍ୟରୁ ଆସିବେ । ଏହି ସବୁକାର୍ଯ୍ୟକ୍ରମ ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଆଉ ଏକ ଭଲ ଖବର ବାଲେଶ୍ୱର ବାସିଙ୍କ ପାଇଁ ଯେ ଖୁବ୍ ଶୀଘ୍ର ଏକ କର୍କଟ ନିଦାନ କେନ୍ଦ୍ର ବାଲେଶ୍ୱରଠାରେ ଖୋଲିବାକୁ ଯାଉଛି । ଏହା ଦ୍ୱିତୀୟ ଦଫାରେ ହେବ ଏବଂ ଏହାର ଏଷ୍ଟିମେଟ ଡି.ଏମ.ଇଟି ପାଖରେ ପଇଠ କରାହୋଇଛି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆର.ଏଣ୍ଡ.ବି ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ଲେଖା ସରିଛି । ନିଶ୍ଚିତ ଭାବରେ ଆମ ବାଲେଶ୍ୱର ଆମର ଏବଂ ଆମ ସ୍ୱାସ୍ଥ୍ୟ ଆମର ।




### ଏ ସର୍ବ ନୁହଇ ସତ୍ୟ

ଯୋଗୀ କୃପାସିନ୍ଧୁ ମୁନି

ବିଚିତ୍ର ଏ ଜଗତର ପଥ
ସବୁତ ଅସତ୍ୟ
ନିଜର ବୋଲିତୁ ଯାହାକୁ ଭାବୁଛୁ
ସେ ତୋର କେହି ନୁହେ ତ ।
ଦେଖୁଚୁ ଯାହାକୁ ନୟନେ ନିତ୍ୟ
ଯାହାତୁ ଶୁଣୁଛୁ କର୍ଣ୍ଣର ପଥ
ଅନିତ୍ୟ ସଂସାର ନୁହଇ କେକାର
ଏସର୍ବ ନୁହଇ ସତ୍ୟ ।

କାହୁଁ ଆସିଥିଲୁ ଯିବୁ ତୁ କେଣେ
ନ ରହିବେ କେହି ବୋଲି ତ ଜଣେ
ନିଜେ କିଏ ବୋଲି ନ ଜାଣିଲୁ ତୁହି
ଏ ଜନ୍ମ ହୋଇଲା ବ୍ୟର୍ଥ ।
ବେଳଥାଉଁ ସଦ୍‌ଗୁରୁ ଆଶ୍ରିତ
ହୃଦେ ହାତ ଦେଇ କର ସପତ
ନିଜେ କିଏ ବୋଲି ଜାଣି ନେବୁ ତୁହି
ସତ୍ୟରେ ବନ୍ଧା ହୋଇତ ।

ନିଜର ସାଧନା ନିଜେ ତୁ ସାଥି
ସତ୍ୟ ତୋ ଜୀବନ ରଖିଣ ବଜୀ
ଯମନିୟମ କରି ସାଧୁ ସଙ୍ଗମ
ହୋଇଯିବୁ ତୁ ସ୍ୱତନ୍ତ୍ର ।
ଆପକୁ ଆପେ ତୁ ସାଧିବୁ ନିତି
ମନ ସଙ୍ଗେ ପ୍ରାଣ ଦେଇ ଅହୁତି
ରୁଦ୍ଧି ନବଦ୍ୱାର ତ୍ରିକୂଟୀ ମଧ୍ୟର
ଦଶଦ୍ୱାର ଉନ୍ମୋଚିତ ।

ନିଷ୍ଫଳେ ଆନନ୍ଦ କଳରେ ବସି
ନିଜ ସ୍ୱରୂପକୁ ନିତ୍ୟ ମନାସି
ହୋଇ କୃପାସିନ୍ଧୁ ଅନୁଭବେ ଧନ୍ୟ
ଲଭେ ଚିର ଅମରତ୍ୱ ।

♥ ଜୁଣବଳଦା,
ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର

### ନାହିଁ ନାହିଁ ରେ ଜୀବନ ମୋର

କୁନା ସେଠୀ

ଏମିତି ଏ ଜୀବନ ମୋ ଅଛି ସ୍ଥିର
ହୋଇରେ
ହସି ଜାଣେ ନାହିଁ କିନ୍ତୁ ହସାଏ ତ
ମୁହିଁରେ ।

ନିଜ ପାଇଁ ଘର ନାହିଁ ଗଢ଼େ
ଅନ୍ୟପାଇଁରେ
ନିଜ ପେଟେ ଦାନା ନାହିଁ ସଂଚେ
ପର ପାଇଁରେ ।

ଚିରା ଫଟା ପିନ୍ଧେ ମୁହିଁ ବୁଣେ
ଅନ୍ୟ ପାଇଁରେ
ନୂଆଁ ଲୁଗା କିଣିବାକୁ ଧନ
ମୋର ନାହିଁରେ ।

ରଙ୍ଗ ଦିଏ ଅନ୍ୟ ଘର
ରଙ୍ଗ ହୀନ ହୋଇରେ
ଭାଙ୍ଗେ ଗଢ଼େ ଅନ୍ୟପାଇଁ
ନିଜ ପାଇଁ ନାହିଁରେ ।

ଅନ୍ଧାରକୁ ଦୂର କରେ
କର୍ମାଲୋକ ଦେଇରେ
ଅନ୍ୟ ପାଇଁ ସୁଖ ବୁଣେ
ନିଜେ ଦୁଃଖୀ ହୋଇରେ ।

ଚାଷ କରେ ଅନ୍ୟ ପାଇଁ
ସବୁ ଋତୁ ସହିରେ
ଖାଲି ପେଟେ ଶୁଏ ମୁହିଁ
ଓଦା କନା ଦେଇରେ ।

କଳକରଖାନା ଚାଲେ ମୋର
କାମ ଦେଇରେ
ଆଲୋକ ଉତାପ ଦିଏ
ମୋର ନିଜ ହାତରେ ।

ଅନ୍ୟକୁ ସମ୍ମାନ ଦିଏ ନିଜେ
ଭୁଲିଯାଇରେ
ନିଜେ ଗଢ଼େ ସବୁ କିଛି ଅନ୍ୟନାମ
ଦେଇରେ ।

ତୁତା ରେରା ଶୁଣେ ମୁହିଁ ବାବୁ ଡାକ
ଦେଇରେ
ଅନ୍ୟସେବା କରେ ମୁହିଁ ନିଜେ ଦୁଃଖ
ସହିରେ ।

ଶ୍ରମିକ ଅଟଇ ମୁହିଁ ଏଇ ମାଟି
ପାଇଁରେ
ସେବା କରେ ସମସ୍ତଙ୍କ ମନ ଧ୍ୟାନ
ଦେଇରେ ।

ନାହିଁ ନାହିଁରେ ଜୀବନ ମୋ ଚାଲେ
ଏଇ ବାଟରେ
ସୁଖ ଦୁଃଖ ଦୁଇ ନେଇ ଚଳେ ଏଇ
ମାଟିରେ ।

ଭୁତସରସିଙ୍ଗି, ଗଞ୍ଜାମ

### ଶୀତ ଆସୁଛି

ସିଦ୍ଧେଶ୍ୱର ତ୍ରିପାଠୀ

ଦେଖ ଦେଖ ଶୀତ ଆସୁଛିରେ
ଆକାଶୁ କାକର ଖସୁଛିରେ
ଦେଖ ଧାନକେଣ୍ଡା ନେଳି ହଳଦିଆ
ଗୋଟି ଗୋଟି ହୋଇ ପାଚୁଛିରେ

ଦେଖ ଦେଖ ଶୀତ ଆସୁଛିରେ ...

ସଞ୍ଜ ବେଳେ ହୁଏ କେତେ ଖଟି
ଆଇ କୁହେ ଗପ ଗୋଟି ଗୋଟି
ଧୁଡୁ ଧୁଡୁ ଚମ ଥରିତା ଯାଉଛି
ଶୀତ ବସ୍ତ୍ର ସିଏ ଖୋଜୁଛିରେ

ଦେଖ ଦେଖ ଶୀତ ଆସୁଛିରେ...

ବଦଳି ଯାଇଛି ପରିବେଶ
ନାହିଁ ବରଷା ବି ନାହିଁ ଖରା ଧାସ
ଚଷା ପୁଅ ସଜ ଅମଳ ପାଇଁକି
ଖଳା ବାଡ଼ି ଏବେ ଲିପୁଛିରେ

ଦେଖ ଦେଖ ଶୀତ ଆସୁଛିରେ ...

ଧର୍ମ ମଗୁସୁର ସରିଯିବ
ପୁଷ ମାଘବିତ ଶେଷ ହେବ
କେତେ ତିଥି ବାର ପୁନିଅଁ ପରବ
ସଭିଙ୍କର ମନ ନାଚୁଛିରେ
ଦେଖ ଦେଖ ଶୀତ ଆସୁଛିରେ ...

♥ ଖୋର୍ଦ୍ଧା

### କଳିକାଳ ମଣିଷ

ରାହାସ କୁମାର ବେହେରା

ସପନ ରାଇଜେ ଇନ୍ଦ୍ରଧନୁ ଆଂକେ
ପବନରେ ବାନ୍ଧେ ବସା
ସମୁଦ୍ର ସାଥିରେ ସମ୍ପର୍କର ସୁଅ
ପ୍ରତୀକ୍ଷାରେ ଭରେ ଆଶା ।

ଜୀବନ ଜଳୁଛି ନିଆଁର ଜୁଇରେ
ନିତି ଜୀଇଁ ନିତି ମରେ
ଲୋଭ ମୋହ ମାୟା ସଂସାର
ଦୁଆରେ
ଅକର୍ମକୁ କର୍ମ କରେ ।

ଆଗକୁ ପଡିଛି ସମତଳ ରାସ୍ତା
ଚାଲୁଛି ବନ୍ଧୁର ଧାରେ
ଅଧର୍ମକୁ କରି ସାଥି ସହୋଦର
ପର ତଂଟି ଚିପି ମାରେ ।

ଅତି ମାନ ଦମ୍ଭ ଅକାର୍ଯ୍ୟ ଅଯୋଗେ
ବାହୁବଳେ ହୋଇ ରାଜା
ଧରାକୁ ମଣଇ ସରା ପରି ମିଛେ
ସଭିଙ୍କୁ ଭାଳଇ ପ୍ରଜା ।

ଅର୍ଥକୁ କରଇ ନିଜର ସାମର୍ଥ୍ୟ
ଆଖି ଥାଉ ଥାଉ ଅନ୍ଧ
ବିଚାର ବିମର୍ଶ ନାହିଁ ତାର ଯୋଗ୍ୟ
ଜାଣୁନାହିଁ ଭଲ ମନ୍ଦ ।

ବୟସ ପ୍ରଲୋଭେ ନାରୀ ସୁରା ସାକୀ
ହୋଇଛି ବଂଚିବା ରାହା
ମାନୁନି ସୃଷ୍ଟିର ପ୍ରକୃତି ନିୟମ
ବଳ ବପୁ ଆଜି ସାହା ।

ଗୁରୁ ଗୁରୁଜନେ ଖାତିରି ବା' କାହିଁ
କଳିକାଳ ଏ ମଣିଷ
ସେଥିପାଇଁ ଆଜି ଅମୃତ ଭାଂଡରେ
ଭରେ ଅବିଶ୍ୱାସ ବିଷ ।

ଅଳପ ଆୟୁଷ କାହାଣୀ ଅନେକ
ଗଢେ କୋଠା ପରେ କୋଠା
ଷାଠିଏ ବରଷେ ଛଅଷଠୀ ଲକ୍ଷ୍ୟ
ଢାଳେ ଦେହ ମୁଣ୍ଡେ ଅଠା ।

ରାଜନୀତି ଯଜ୍ଞେ ହବନ ମନନ
ଭାଇ ଭାଇ ମଧ୍ୟେ ରୋଷ
କାନ୍ଦୁ ଯିଏ ଦୁଃଖେ ଆକୁଳେ ବିକଳେ
ତିଳେ ନାହିଁ ଅବଶୋଷ ।

ଗୋଲକ ଧନ୍ଦାରେ ପୁଳା ପୁଳା ଟଙ୍କା
ପ୍ରତିବାଦେ ନାହିଁ ଶଙ୍କା
ଯେତେ ଥିଲେ ଧନ ଅବା ସୁନା ରୁପା
ପାଇବାକୁ ହୁଏ ରଙ୍କା ।

ଛଅ ହାତେ ଜାଗା ହୋଇଲାଣି ସଜା
ଛଅ ଖଣ୍ଡ କାଠ ଲୋଡ଼ା
ତଥାପି ବୁଝୁନି ଅବୁଝା ମଣିଷ
ଦଉଡୁଛି ହୋଇ ଘୋଡା ।

♥ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ : ୯୪୩୮୧୧୪୩୮



## ବଡ ଈଶ୍ୱର



ଘନଶ୍ୟାମ ପଲେଇ

ସନ୍ଧ୍ୟା ସମୟରେ ପୁଅକୁ ଟ୍ୟୁସନରୁ ଆଣି ସ୍କୁଟିରେ ଟିକିଏ ବୁଲେଇ ଆଣିବାର ଏକ ନିଆରା ମଜା ପାଆନ୍ତି ରାକେଶବାବୁ। ପୁଅ ସହ ଘେରେ ବୁଲିଦେଲେ ଡ୍ୟୁଟିର ଭାରାକ୍ରାନ୍ତ ମନଟା ଲାଗେ ହଲକା। କୁନିପୁଅ ବି ହେଇଯାଏ ଖୁସ । ଇମିତିରେ ବି ଏହା ଏକ ଛୋଟ ସହର । ପୁରା ସହରପରିକ୍ରମା କରିବାକୁ ଖୁବ କମ ଲାଗେ ସମୟ । ଏଇଠି ପ୍ରାୟ ସଭିଏଁ ଜାଣନ୍ତି ସଭିଁଙ୍କୁ । ରାକେଶ ବାବୁ ଅବଶ୍ୟ ପ୍ରୋମସନ ପାଇ ନୂଆ କି ଆସିଛନ୍ତି ଏ ସହରକୁ ।

ସବୁଦିନ ପରି ଆଜି ବି ବୁଲୁବୁଲୁ ପୁଅ କହିଲା--- ବାପା ଗୁପଚୁପ ଖାଇବା ।

ଦିହେଁ ମୁହାଁଇଲେ ଗୁପଚୁପ ଦୁକାନକୁ ।

ପାଖାପାଖି ଦୁଇଟି ଗୁପଚୁପର ଠେଲା । ଗୋଟାକରେ ଠେଲାପେଲା ଖାଇବାକୁ ଆଉ ଗୋଟାକ ଥାଏ ଶୂନାଶୂନା । ନିଶ୍ଚୟ କିଛି ସ୍ପେଶାଲ ଦେଉଥିବ ଭାବି ତା' ଠେଲା କଡକୁ ହେଲେ ଛିଡା । ପିଆଜ ମସଲା ପକେଇ ଆଳୁ ପ୍ରସ୍ତୁତ କରୁଥିଲା ଦୋକାନୀ । ପିନ୍ଧିଥିଲା ମୁହଁରେ ମାସ୍କ । ପରିଷ୍କାର ପରିଚ୍ଛନ୍ନତା ବାରିପଡୁଥିଲା ତା ବେଶଭୁଷାରୁ। ଖୁସି ଲାଗିଲା ରାକେଶବାବୁଙ୍କୁ । ସଫା ସୁତୁରା ରଖନ୍ତି ନାହିଁ ବୋଲି ସେ ପ୍ରାୟ ତ ଛାଡି ଦେଇଥିଲେ ଏକ ପ୍ରକାର ଏ ସବୁ ଖାଇବା ।

ରାକେଶବାବୁଙ୍କ ଆଡିକି ନଜର ପଡିଲାରୁ ଦୋକାନୀ ପିଲାଟି ଖୁସିରେ ଅଭିଭାବଦନ କଲା ନିଜସ୍ୱ ଢଙ୍ଗରେ ଟିକିଏ ହସି । ରାକେଶବାବୁ କହିଲେ-- ଆମକୁ ଗୁପଚୁପ ଖୁଆଅ ।

---ହଁ ସାର, କହି ଲାଗିପଡିଲା ମସଲା ପ୍ରସ୍ତୁତି କାମରେ ।

ବଡ ଧ୍ୟାନର ସହ କରୁଥିଲା ପ୍ରସ୍ତୁତି । ସଭିଏଁ ଏକ ଲୟରେ ଚାହିଁଥାନ୍ତି ତା' ହାତକୁ। କେହି କେହି ତୋ ଆଉ ସମ୍ଭାଳି ନ ପାରି ଛେପ ଢୁକୁ ଥାନ୍ତି । ପୁଅ ବି ଲାଳ ଗଡେଇ ରାକେଶବାବୁଙ୍କୁ ଚାହିଁ ରହିଥାଏ ନିରୀହ ଚାହିଁଣିରେ । କରିବାର କିଛି ନାହିଁ । ତା' କାମ ସାରିଲେ ତ ଖାଇବାକୁ ଦେବ ।

ଅଧ ଘଣ୍ଟା ହେଲାଣି ରାଗରେ ଚିଡିଲାଣି ପୁଅ । ରାକେଶବାବୁ ବି ହେଲେଣି ବିରକ୍ତ । ଗୁପୁଚୁପ ଦି'ଟା କଣ ଖାଇବ ବୋଲି ମଣିଷ ଏତେ ସମୟ ହେବ ଛିଡା । କ'ଣ କହିବେ ଭାବି ପାରୁନଥିଲେ। ଏହି ସମୟରେ ବଢାଇ ଦେଲା ପତ୍ର । କ୍ଷୀର ଉତୁରିଲା ବେଳେ ପାଣି ଟୋପାଏ ପଡିଲା ପରି ମନଟା ପଡିଗଲା ଶାନ୍ତ । ପୁଅଟିର ମୁଁହରେ ବି ଫୁଟିଉଠିଲା ଖୁସିର ସଜଫୁଲ ।

ଠିକ ଏତିକିବେଳକୁ କେଉଁଠି ଥିଲା କେଜାଣି ପହଞ୍ଚିଲା ପାଗେଳି ବୁଢୀଟେ । ଚାହିଁ ରହିଲା ବଲବଲ ।

ଦୋକାନୀ ଆମକୁ ଦେବ କଣ ତା' ପାଇଁ ଗୋଟେ ପ୍ଲେଟ ପ୍ରସ୍ତୁତ କରି ସାଇଡରେ ଦେଇ ଆସିଲା ।

ଆଉ ସହି ହେଲା ନାଇଁ। ରାକେଶବାବୁ ପଚାରିଦେଲେ--- ଆରେ ବାବୁ ! ତୋ ବେପାର କରିବାର ଇଛା ନାହିଁ ବୋଧେ । ଗ୍ରାହକ ଈଶ୍ୱର ପରା ।

ଦୋକାନୀ କହିଲା--- ନାଇଁ ସାର, ଆପଣମାନେ ତ ଦିନବେଳା ମିଲ ଖାଇଥିବେ। ଏକୁ କେବଳ ଖୁସି ବା ମୌଜପାଇଁ ଖାଉଛନ୍ତି । ହେଲେ ସେ ବିଚାରିଟା ଯେ ଦିନଟା ସାରା କ'ଣ ଖାଇଥିବ କିଏ ଜାଣେ ! ତା' ବିକଳ ଚାହାଁଣି ମୋ ବିବେକକୁ ବାଧା ଦିଏ। ବେଳେବେଳେ ମୋ ଦୋକାନକୁ ଆସେ । ଗୋଟେ ପ୍ଲେଟ ଦେଇ ଦେଲେ ମନ ଶାନ୍ତି ଲାଗେ । ପରମ ସୁଖ ମିଳେ । ଆଉ ତା' ପ୍ରତିବଦଳରେ ଖୁସିରେ ଦିଏ ହସି । ଆଉ ସେଇ ହସର ଆଶୀର୍ବାଦରେ ମୋର ଭଲ ହୁଏ ବେପାର । ଆପଣମାନେ ଗ୍ରାହକ ଈଶ୍ୱର ହେଲେ ସିଏ ପରା ତା'ଠୁ ବଡ ଈଶ୍ୱର ।

ଦୋକାନୀ ପିଲାର ବ୍ୟବହାର ଓ କଥାରେ ଏତେ ମିଠା ଥିଲା ଯେ ରାକେଶବାବୁ କେବେ କୋଡିଏରୁ ଅଧିକ ଖାଇବା ଲୋକ ନୁହଁନ୍ତି ପଚାଶ ଟଙ୍କାର ଖାଇଦେଲେ ଜଣାପଡିଲାନି ।

ପଇସା ଦେଇ ଫେରିଲା ବେଳେ ଭିଡକୁ ଦେଖି ଭାବୁଥିଲେ ରାକେଶବାବୁ ... ସତରେ ପାଗେଳି ବୁଢୀର ଆଶୀର୍ବାଦ ତ ରହଛି ନିଶ୍ଚୟ । ନ ହେଲେ ସେହି ଗୋଟାଏ ଦୋକାନରେ ହିଁ ଭିଡ ବଢୁଛି ପଛେ କମୁନି କାହିଁକି !!!

+ବଡ ଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା, କେନ୍ଦୁଝର-୭୫୮୦୩୧
ମୋ: ୯୪୩୭୭୧୮୫୦୦

## ଗୁପତି ବାକ୍ସ

ସୁନନ୍ଦା ମହାନ୍ତି



ଆଜକୁ ଠିକ୍ ତେଇଶି ବର୍ଷ ତଳେ ମହାବାତ୍ୟା ଛଡେଇନେଇଥିଲା ଶୁଭାଙ୍କୁ ଶୁଭେନ୍ଦୁଙ୍କ ପାଖରୁ। ସେଦିନ ଥିଲା ଶୁକ୍ରବାର। ନଡ଼ିଆ ଗଛ ଗୁଡ଼ିକ ଭୟଙ୍କର ଭାବେ ଭାଙ୍ଗି ପଡୁଥିଲା। ଗୁଆ, ପିଜୁଳି, ସପେଟା, ଜାମୁକୋଳି, ଆମ୍ବ, ପଣସ ଭଳି ଗଛ ସବୁ ଧରାଶାୟୀ ହୋଇଯାଇଥିଲା। ଶାଗ ପଟାଳୀ, ଜହ୍ନି କାକୁଡି କଲରା ଲଟା, ଭେଣ୍ଡି ମକା ଭଳି ଗଛ କଥା ପଚାରେ କିଏ। ଟିକେ ଥମିବା ଦେଖି ଶୁଭା ଗୋଟେଇ ଚାଲିଥିଲେ ଆମ୍ବ, ପଇଡ ଓ ନଡ଼ିଆ। ପୁଣି ଫେରିପଡ଼ିଲା ବାତ୍ୟା ନିର୍ଘାତ ଝଟକ୍କା ସହ ଝଡ଼ ପବନରେ। ପୁଅ, ସ୍ୱାମୀଙ୍କୁ ପଇଡ ଗୋଟାଇବାରୁ କ୍ଷାନ୍ତ କରି ଡାକ ପକେଇଲା ବେଳକୁ ନଡ଼ିଆ ଗଛଟି ମାଡ଼ି ବସିଥିଲା ଶୁଭାଙ୍କୁ। ବାପ ପୁଅ ଦୁହିଁଙ୍କୁ ବୁଦ୍ଧି ବାଟ ଦିଶିଲାନାହିଁ। କୌଣସିମତେ ଟେକି ଆଣିଥିଲେ ନିର୍ଜୀବ ଶରୀରଟାକୁ। ବୋହୁ ଦୁହେଁ କିନ୍ତୁ ଭିତରେ ଭିତରେ ଖୁସି ହୋଇଥିଲେ, ଏଥର ଗୁପତି ବାକ୍ସରେ ଯାହା ସୁନା, ରୂପା, ଅଳଙ୍କାର, ଟଙ୍କା ପଇସା ଥିବ, ସେସବୁ ସେମାନଙ୍କର। ନିଶ୍ଚୟ ବୁଢ଼ୀ ବହୁତ ମାଲ ରଖିଥିବେ, ନହେଲେ ଅନେକ ସମୟରେ ଦୁଆର ଦେଇ କଣ ସବୁ ଦେଖା ଥୁଆ, ରଖା କରୁଥାନ୍ତି ବେଳ ଅବେଳରେ। ସବୁକାମ ସରିବା ପର୍ଯ୍ୟନ୍ତ ବୋହୁ ଦୁହେଁ ଆନ୍ତରିକତା ଭରା ହୃଦୟରେ କରିଯାଇଥିଲେ ସବୁକାମ। କାମ ସବୁ ସରିଲେ ସିନା ଗୁପତି ବାକ୍ସ ଖୋଲିବେ। ହେଲେ ସବୁ ଆଶା ଧୂଳିସାତ ହେଲା ଯେବେ ଶଶୁର, ଶୁଭେନ୍ଦୁ, ଶୁଭାଙ୍କ ବାକ୍ସଟିକୁ ନିଜେ ରଖିନେଇଥିଲେ। ବୋହୁ ଦୁହେଁ ଲାଗିପଡିଲେ ଶଶୁରଙ୍କ ସେବା ଯତ୍ନରେ। ଶାଶୁ ଥିଲା ବେଳେ ସବୁବେଳେ ବ୍ୟସ୍ତ ହେଉଥିଲେ ଶୁଭେନ୍ଦୁଙ୍କ ପାଇଁ, କହୁଥିଲେ ମୁଁ ଗଲା ପରେ କେମିତି ଚଳିବ ତୁମେ କେଜାଣି ! ତୁମ ଭୁଲାମନ ଓ ସିଦ୍ଧି ତଥା ବିଧିବିଧାନ କିଏ କରିବ କେଜାଣି। ହେଲେ ବୋହୁ ଦୁହେଁ ସବୁ କରୁଥିଲେ ନିର୍ବିଘ୍ନରେ। ଖାଇବା ଥାଳିରେ ଛଅ ତୁଣ ନଅ ଭଜା ସାଙ୍ଗକୁ କଲରାଭଜା, ପିତାଶାଗ, ଲିମ୍ବକଢ ଭଜା ବି ଥାଏ, ଦିନ ବାର ଅନୁଯାୟୀ। କଉମାଛ ଭଜା ସାଙ୍ଗକୁ ଚୂନାମାଛ ଟୁକୁଟୁକା ବି ହୁଏ। ପୂଜା ଘରେ ହାତ ପାହାନ୍ତାରେ ଥାଏ, ସଞ୍ଜ, ଧୂପ, ଦୀପ, ଭୋଗ ଫୁଲ। ବଜାର ଯିବାପାଇଁ ସଫା ହୋଇ ଯଥା ସ୍ଥାନରେ ଥୁଆ ସାର୍ଟ, ପ୍ୟାଣ୍ଟ, ଧୋତି, ଚାଦର ସହ ଚଷମା, କଲମ, ଛତା, ଚପଲ। ମନେ ମନେ ଝୁରନ୍ତି ଶୁଭେନ୍ଦୁ, ଦେଖ ଦେଖ ଶୁଭା ତୁମ ଗୁପତି ବାକ୍ସର କରାମତି। କେତେଥର ଘଷି ମୋଡ଼ି ଦେବା ସମୟରେ ବୋହୁ ଦୁହେଁ ପଚାରନ୍ତି ଡରି ଡରି, ବୋଉଙ୍କ ବାକ୍ସରେ କଣ ଅଛି କି ବାପା ? ଶୁଭେନ୍ଦୁ କୁହନ୍ତି କେତେ କଣ ରଖିଛି ଶୁଭା, ସେସବୁ ତ ତୁମର। ଭିତରେ ଭିତରେ ହସନ୍ତି ଶୁଭେନ୍ଦୁ ଆଉ ବୋହୁ ଦୁହିଁଙ୍କ ସେବା ଯତ୍ନରେ ଆନନ୍ଦରେ ଥାଆନ୍ତି। ଏତେ ଆନନ୍ଦ ଭଗବାନ କି ଶୁଭା କେହି ସହିଲେନି ବୋଧେ। ମହାବାତ୍ୟାର ଠିକ୍ ତେଇଶି ବର୍ଷ ପରେ, ଆଜି ଶନିବାରଟାରେ ଚାଲିଗଲେ ଶୁଭେନ୍ଦୁ। କାନ୍ଦ ବୋବାଳି ଭିତରେ ବୋହୁ ଦୁହେଁ ଭାବୁଥିଲେ, ଏଥର ଗୁପ୍ତ ବାକ୍ସରେ ଯାହା ଅଛି ସେ ଦୁହିଁଙ୍କର। ବଡ କହିଥିଲା, ମୁଁ ବଡ, ବଡ ଭାଗ ମୋର। ସାନ କହିଥିଲା ମୋ ଯୋଗୁଁ ସେ ବାକ୍ସ ଅଛି, ନହେଲେ ତ ବଡ଼ଭାଇ ବୋଉର ସନ୍ତକ କହି ବାପାଙ୍କ ଶବ ସହ ପୋଡ଼ି ଦେବାକୁ କହୁଥିଲେ। ମୁଁ ଏଙ୍କୁ କହି ରଖିଛି ତ ମୋର ବଡ ଭାଗ। ତେଇଶି ଦିନ ପରେ ଦୁଇ ପୁଅ ବୋଉର ବାକ୍ସ, ଯାହାକୁ ବାପା ପହରା ଦେଇ ରଖିଥିଲେ ଖୋଲିଲେ। ତା ଭିତରକୁ ଉହୁଙ୍କି ପଡ଼ିଥିଲେ ଦୁଇ ଯା। ହେଲେ ତା ଭିତରେ ଥିଲା ଶଶୁର ଶାଶୁଙ୍କ ବିବାହର ଯୋଡ, ଧୋତି, ପଞ୍ଜାବୀ ଓ ବଉଳ ପାଟ ସହିତ ଗୋଟେ ଦୁଇଟା ଛୋଟ ବାକ୍ସ। ତା ଭିତରୁ ଗୋଟିକରେ ଚିଠି ଖଣ୍ଡିଏ, ଯେଉଁଟା ଶଶୁରଙ୍କର ଶାଶୁଙ୍କ ନିକଟକୁ ପ୍ରଥମ ଓ ଶେଷ ଚିଠି। ଆର ବାକ୍ସରେ କିଛି, ଚେରମୂଳ ଔଷଧ ସହ ବିଭିନ୍ନ ମଞ୍ଜି, ହୁଏତ ବିଭିନ୍ନ କିସମର ଶାଗ ହୋଇଥିବ। ଦୁଇ ଯାଆ ପରସ୍ପର ମୁହଁକୁ ଅନେଇ ଠିକ୍ ବୁଝିପାରୁଥିଲେ, ବୁଦ୍ଧିମତୀ ଶାଶୁଙ୍କ, ଶଶୁରଙ୍କ ପାଇଁ ସୁରକ୍ଷା କବଚଟିକୁ। ପୁଅ ଦୁହେଁ କିନ୍ତୁ ସଜାଡ଼ି ରଖିଥିଲେ ଲୁଗାପଟା ଓ ମାଆର ଚିଠି। ବୋହୁ ଦୁହେଁ ଲୋକଲଜ୍ୟା ମରଣରୁ ଗରୁ'କୁ ଏଡ଼ାଇ ମାଗୁଥିଲେ ମଞ୍ଜି, ଗଛ ହେଉଛି କି ନା ପରଖିବାକୁ ।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫



## ଅଗ୍ନୀଶର୍ମା କ୍ରୋଧ ଉପରେ ଜିତ୍

ନଗେନ୍ଦ୍ର ନାଥ ପଟ୍ଟନାୟକ



ଥରେ ସାତ୍ତ୍ୱିକ, ବଳରାମ ଓ ଶ୍ରୀକୃଷ୍ଣ ପଦପାତ କରି କୁଆଡେ ଯାଉଥାନ୍ତି । ଜଙ୍ଗଲ ବାଟଦେଇ ଯାଉ ଯାଉ ମୁହଁସଂଜ ଢଳି କାଳି କିଟିକିଟି ଅନ୍ଧାର ରାତି ମାଡିଆସିଲା । ଆଗକୁ ଆଉ ନ ବଢି ସେମାନେ ଅଗତ୍ୟା ଜଙ୍ଗଲରେ ଡେରା ପକାଇଲେ । ସ୍ଥିର ହେଲା ଦୁଇଜଣେ ନିଘୋଡ ନିଦରେ ଶୋଇବେ, ଅନ୍ୟ ଜଣକ ରାତିରେ ଉଜାଗର ରହି ପ୍ରହରା ଦେବ। କାହିଁକି ନା ଜଙ୍ଗଲରେ ହିଂସ୍ର ଜୀବଜନ୍ତୁ ଆକ୍ରମଣର ଭୟ ଥିଲା । ପହିଲେ ସାତ୍ତ୍ୱିକ ବିନିଦ୍ର ରହି ରାତିରେ ପ୍ରହରା ଦେବାକୁ ଲାଗିଲେ । ଏଣେ ଶ୍ରୀକୃଷ୍ଣ ଆଉ ବଳରାମ ଦୁହେଁ ଗାଢ ନିଦରେ ଶୋଇପଡିଲେ । ଚାହଁ ଚାହୁଁ ଭୟଙ୍କର ରାକ୍ଷସଟିଏ ବିକଟାଳ ରୂପ ଧାରଣ କରି ସାତ୍ତ୍ୱିକ ସମ୍ମୁଖରେ ଦଣ୍ଡାୟମାନ ହେଲା । ବୀର ଦର୍ପରେ ସାତ୍ତ୍ୱିକକୁ କଡା ଆହ୍ୱାନ ଦେଲା ମୁହାଁମୁହଁ ଲଢେଇ କରିବା ପାଇଁ । ଧମକଚମକ ଦେଇ କହିଲା-ଇରେ ତୁ କଣ ଏଠି ଛିଡାହୋଇଛୁ ? ତୋର ଯଦି ସତ୍‌ସାହସ ଅଛି ମୋ ସହିତ ମୁହାମୁହିଁ ଲଢ । ସାତ୍ତ୍ୱିକ ତା ସହିତ ଶକ୍ତି ପରୀକ୍ଷା କଲା । ଦୁହେଁଯାକ ଢେର ସମରଯାଏ ଖୁବ୍ ଲଢାଲଢି ହେଲେ । ଶେଷରେ ସାତ୍ତ୍ୱିକର ଦେହର ହାଡ ଖଣ୍ଡେ ଭାଙ୍ଗିଯିବାରୁ ସେ ଶକ୍ତିହୀନ ହେଇ ପରାଜୟ ବରଣ କଲେ । ସାତ୍ତ୍ୱିକର ପ୍ରହରା ଶେଷ ହେବା ମାତ୍ରେ ରାକ୍ଷସଟି ସାଙ୍ଗେ ସାଙ୍ଗେ ଅଦୃଶ୍ୟ ହୋଇଗଲା ।

ଏଥର ପଡିଲା ବଳରାମଙ୍କ ପାଳି। ଜାଗ୍ରତ ବଳରାମ ପ୍ରହରା ଦେବାର ଅଳ୍ପ ସମୟ ଭିତରେ ସେ ଦାନବ ପୁଣି ଆସି ତାଙ୍କ ସମ୍ମୁଖରେ ଉଭାହେଲା । ଧମକାଣ ସ୍ୱରରେ ଗର୍ଜିଉଠି କହିଲା -ଆରେ ତୁ କଣ ଚମକିପଡିଲୁ ? ଦମ୍ ଅଛି ତ ମୋ ସାମନାକୁ ଚାଲିଆ । ତହୁଁ ବଳରାମ ଓ ରାକ୍ଷାସ ମଧ୍ୟରେ ଘମାଘୋଟ ଲଢେଇ ଚାଲିଲା । ଏମିତି କୁସ୍ତି ଚାଲିଲା ଯେ ବଳରାମ ସର୍ବାଙ୍ଗ ଝାଳନାଳ ହୋଇ କ୍ଳାନ୍ତଶ୍ରାନ୍ତ ହୋଇପଡିଲେ । ଶେଷରେ ପରାଜୟ ସ୍ୱୀକାର କରିବାକୁ ସେ ଏକପ୍ରକାର ବାଧ୍ୟହେଲେ । ପରେପରେ ଶ୍ରୀକୃଷ୍ଣଙ୍କ ପାଳିବା କ୍ଷଣି ସେଇ ରାକ୍ଷାସଟି ଆସି ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କହିଲା - ଆରେ ଜଳଜଳ ହେଇ ଅନେଇଛୁ କଣ ? ରାକ୍ଷାସ ତୁଣ୍ଡରୁ କଥା ପଦକ ଶୁଣି ଶ୍ରୀକୃଷ୍ଣ ଖିଲିଖିଲି ହେଇ ହସି ପକାଇଲେ । ସେ ରାକ୍ଷାସ ପୁନର୍ବାର ଶ୍ରୀକୃଷ୍ଣଙ୍କୁ ଉତେଜିତ କରିବାକୁ ଚେଷ୍ଟା କଲାରୁ ସେ ଫେର ସ୍ମିତହସ ଉଛୁଳାଇ କହିଲେ -ମିତ୍ର ! ତୁମେ ତ ବଡ ସ୍ନେହବୋଲା କଥାବାର୍ତ୍ତା କରୁଛ । ରାକ୍ଷାସ ପଚାରିଲା - ସ୍ନେହବୋଲା କଥା କେମିତି ? ତୁଟା ବଡ ଭୀରୁ , ଡରପୋକ ଓ କାପୁରୁଷ । ତହୁଁ ଶ୍ରୀକୃଷ୍ଣ ଓଲଟି କହିଲେ -ଏ କଥା ପଦଟି ତୁମ ଅନ୍ତରରୁ କି ଉପର ଠାଉରିଆ ଭାବେ କହୁଛ ତାହା ମୁଁ ବେଶ୍ ଭଲ ଭାବରେ ଜାଣେ ।

ଯେତେବେଳେ ସାତ୍ତ୍ୱିକ ଆଉ ବଳରାମକୁ ରାକ୍ଷସଟି ଯୁଦ୍ଧ କରିବାକୁ ଆହ୍ୱାନ ଦେଇଥିଲା ଦୁହେଁଯାକ କ୍ରୋଧର ବଶବର୍ତ୍ତୀ ହୋଇଥିଲେ । ଆଉ ରାକ୍ଷାସ ବି ବଡ ହୋଇଯାଇଥିଲା । ଏଣୁ ତା ସହିତ ଲଢେଇ କରୁକରୁ ଦୁହେଁ ପୂରାପୂରି ଭାବେ କ୍ଲାନ୍ତଶ୍ରାନ୍ତ ହୋଇପଡିଥିଲେ । ମାତ୍ର ଯେତେବେଳେ ସେ ରାକ୍ଷାସ ଶ୍ରୀକୃଷ୍ଣକୁ ଲଢିବା ଲାଗି ଆହ୍ୱାନ ଦେଲା ସେ ହସି ପକାଇଲେ । ହସହସ ମୁହଁରେ ଜବାବ ଦେବାକୁ ଲାଗିଲେ । ଫଳରେ ରାକ୍ଷାସଟି ଛୋଟ ହେବାକୁ ଲାଗିଲା । ରାକ୍ଷାସ ଯେତିକି ଯେତିକି ଶ୍ରୀକୃଷ୍ଣଙ୍କୁ ଉସକାଉଥିଲା ସେତିକି ସେତିକି ଶ୍ରୀକୃଷ୍ଣ ଶୁଣି ନ ଶୁଣିଲା ଭଳି ବାହାନା କରୁଥିଲେ । ଯାପରେ ସ୍ନେହପୂର୍ଣ୍ଣ ଚାହାଣୀରେ ହସି ପକାଇଲେ। ଏମିତି କରୁକରୁ ରାକ୍ଷାସ ଯେତେବେଳେ ଟିକିଟିଏ ହୋଇଗଲା ଶ୍ରୀକୃଷ୍ଣ ତାକୁ ନିଜର ପିତାମ୍ବର ବସନରେ ବାନ୍ଧିଦେଲେ । ରାତିପାହି ସକାଳ ହେଲା । ସକାଳୁ ନିଦରୁ ଉଠିପଡି ଯେତେବେଳେ ତିନିହେଁ ଆଗକୁ ଯାତ୍ରା କରିବାକୁ ବାହାରିପଡିଲେ ସାତ୍ତ୍ୱିକ ପିତାମ୍ବର ବସ୍ତ୍ରରେ କିଛି ବାନ୍ଧିଥିବା ଦେଖି ପଚାରିଲେ - ଏ କଣ ? ଶ୍ରୀକୃଷ୍ଣ କହିଲେ -ଯିଏ ତୁମ ଦୁହିଁଙ୍କୁ ଏଭଳି ହିନସ୍ତା ଓ ଦରମଲା କରିଥିଲା ସିଏ। ଏଇଆ କହୁ କହୁ ଶ୍ରୀକୃଷ୍ଣ ନିଜ ପିତାମ୍ବର ବସ୍ତ୍ରର ଗଂଠି ଫିଟେଇ ଦେବାରୁ ଟିକି ରାକ୍ଷାସଟିଏ ବାହାରିଲା । ଶ୍ରୀକୃଷ୍ଣ ବୁଝେଇଲେ -ଏ ହେଉଛି କ୍ରୋଧରୂପୀ ରାକ୍ଷାସ । ଯଦି ତୁମେ କୋପାବିଷ୍ଟ ହେଇ ଚାଲିବ ତେବେ ଇଏ କ୍ରମଶଃ ବଢିଚାଲିବ । ଅପରପଟେ ତୁମର ଖୁସି ପ୍ରସନ୍ନତା ବଢି ଚାଲିଲେ ଇଏ ଛୋଟ ହୋଇଯିବ । ମୁଁ ଯା କଥା ବରାବର ଶୁଣି ନ ଶୁଣିଲା ଭଳି ଅଭିନୟ କଲି । ଯାହା ଫଳରେ ଇଏ ଏତେ ଛୋଟ ହୋଇଗଲା । ତୁମ ଦୁହିଁଙ୍କୁ ଶିକ୍ଷା ଦେବା ଲାଗି ମୁଁ ଯାକୁ ପିତାମ୍ବର ବସ୍ତ୍ର କାନିରେ ବାନ୍ଧି ଗଂଠି ପକାଇଥିଲି । ତେଣୁ କ୍ଷମା, ପ୍ରସନ୍ନତା ଏବଂ ବିଚାର-ବୁଦ୍ଧି ବଳରେ କାମନା ଅହଂକାର ତ୍ୟାଗକଲେ କ୍ରୋଧରୂପୀ ରାକ୍ଷାସଟି ଛୋଟ ହୋଇଯାଏ ।

+୯୯୯-୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ହଜିଲା ଅତୀତ

ସୁଦର୍ଶନ ମହାପାତ୍ର



-' ଅଙ୍କଲ୍ ! ମୋତେ ଟିକିଏ ଆପଣଙ୍କ ସିଟ୍ ଛାଡ଼ିବେ କି ? ପ୍ଲିଜ...।' ଦୈନିକ ସମ୍ବାଦପତ୍ର ପଢୁପଢୁ ମୁଁ ଯେମିତି ଚମକି ଉଠିଲି। କାହା କଣ୍ଠସ୍ୱର ଇଏ। ବହୁ ପରିଚିତ। ମାତ୍ର ଏ କଣ୍ଠ ତ ପ୍ରୀତିର ! ଦୀର୍ଘ କୋଡିଏ ବର୍ଷ ତଳେ ଏଇ ସ୍ୱର ମୋ ହୃଦୟରେ ଭରି ଦେଇଥିଲା ମାଦକତା। ମୁଁ କିଛି ସମୟ ପାଇଁ ଅନ୍ୟମନସ୍କ ହୋଇ ଯାଇଥିଲି। ଟ୍ରେନଟି ସେତେବେଳକୁ ଚିଲିକା ଦେଇ ଆଗକୁ ବଢୁଥିଲା। ଉପର ବର୍ଥରୁ ଓହ୍ଲାଇ ଝିଅଟି ମୋ ସାମ୍ନାରେ ଠିଆ ହୋଇଥିଲା। ଝୁଙ୍କି ପଡି ଚିଲିକା ଦେଖୁଥିଲା।-'ଆ ମା' ଏଇ ସିଟ୍‌ରେ ବସିପଡ।' ମୁଁ ଝର୍କା ପାଖ ସିଟ୍ ପାଖରୁ ଘୁଞ୍ଚି ଆସିଲି ।

-'ଧନ୍ୟବାଦ ଅଙ୍କଲ୍ !' ଉତ୍ତର ଫେରେଇ ତା' ଇପ୍ସିତ ସିଟ୍ ଅଧିକାର କରିନେଲା ଝିଅଟି। କାହିଁକି କେଜାଣି ତା'ର ଅଳ୍ପ ହସ ମୁହଁରେ ପ୍ରୀତି ମୁହଁର ସାମଞ୍ଜସ୍ୟ ବି ମୋତେ ଦେଖାଗଲା। ସମ୍ବାଦପତ୍ରରେ ଆଖି ଥାଇ ମୁଁ ହଜିଗଲି ଅତୀତର ସେଇ ଅଭୁଲା ସ୍ମୃତିରେ। କଲେଜ ଫଙ୍କସନରେ ପ୍ରୀତିର ସ୍ୱରରେ ବିହ୍ୱଳିତ ହୋଇ ପଡିଥିଲି ମୁଁ। ଷ୍ଟେଜ ଉପରେ ନିଜ ଉପସ୍ଥାପନା ଦାୟିତ୍ୱକୁ ମୁଁ କ୍ଷଣିକ ପାଇଁ ଭୁଲି ଯାଇଥିଲି। ପ୍ରଥମେ ଧନ୍ୟବାଦ ଜ୍ଞାପନରୁ ପରିଚୟ ଆରମ୍ଭ ହୋଇ ସମ୍ପର୍କ ବହୁତ ଆଗକୁ ବଢ଼ିଯାଇଥିଲା। ହେଲେ ସେ ସମ୍ପର୍କ ହଠାତ୍ ଛିନ୍ନ ହୋଇ ଯାଇଥିଲା। ଆମ ଭିତରେ ପ୍ରତିବାଧକ ଥିଲା ଜାତି। ସୁନାଝିଅ ପ୍ରୀତି ବାପାଙ୍କ ବାଧରେ ବାହା ହୋଇ ଯାଇଥିଲା ଅନ୍ୟ କେଉଁଠି। ପ୍ରୀତିର ଅନୁରୋଧରେ ମୁଁ ତା' ସ୍ୱର ଭୁଲିବାକୁ ବାଧ ହୋଇଥିଲି। ସମୟ ଆଗେଇ ଗଲା ତା ବାଟରେ..!

ପଚାରିବି କି ଝିଅଟିର ପରିଚୟ ? ତା ମାଆର ନାଁ କ'ଣ ? ହେଲେ ଏସବୁ ପଚାରିବା ଅଭଦ୍ରାମି ହେବ ବୋଲି ଅନୁଭବ କଲି ମୁଁ।-'କେଉଁଠି ଓହ୍ଲେଇବ ଝିଅ ?' ଯଥା ସମ୍ଭବ ନରମ ସ୍ୱରରେ ପଚାରିଲି।-'ବ୍ରହ୍ମପୁର ଷ୍ଟେସନରେ । ଅଙ୍କଲ ଆସିଗଲା କି ?' ପ୍ରାକୃତିକ ଶୋଭା ଦର୍ଶନରେ ବିମୋହିତ ଝିଅଟି ଯେମିତି ଚମକି ଉଠିଲା। -' ଆଗ ଷ୍ଟେସନ ବ୍ରହ୍ମପୁର। ହେଲେ ବ୍ୟସ୍ତ ହେବାର କିଛି ନାହିଁ। ଆହୁରି ଦଶ ପନ୍ଦର ମିନିଟ୍ ଲାଗିବ।' ମୋ ଠାରୁ ଆଶ୍ୱାସନା ପାଇ ସେ ପ୍ରକୃତିସ୍ଥ ହେଲା। - ' ଓଃ ଠିକ୍ ଅଛି। ମୁଁ ବାବାଙ୍କୁ ଫୋନ୍ କରି ତାହେଲେ ଜଣେଇ ଦିଏ' । ମୋତେ ଯେମିତି ମଉକାଟିଏ ମିଳିଗଲା। ସେ କଥା ହୋଇ ସାରିବା ପରେ ତା ବାପା ଆଉ ପରିବାର ବିଷୟରେ ପଚାରିଦେଲି। ତା'ର ବାପାଙ୍କ ନାଁ ଡା. ସମ୍ଭବ ମିଶ୍ର ଏବଂ ମେଡିକାଲ କଲେଜରେ ପ୍ରଫେସର ଅଛନ୍ତି ବୋଲି କହି ଚୁପ୍ ରହିଲା । ବ୍ରହ୍ମପୁର ଷ୍ଟେସନ ଆଗକୁ ଆସୁଥିଲା। - ଆଉ ମାମା ! ହଠାତ୍ ମୋ ପାଟିରୁ ବାହାରିଗଲା। -'ମାନେ, ମାମା ବି ଡାକ୍ତର ଅଛନ୍ତି ଏଇଠି ?' ସେ ମୋ ମୁହଁକୁ ଯେମିତି ଆଶ୍ଚର୍ଯ୍ୟ ହୋଇ ଚାହିଁଲା। ମୋତେ ତ ସେଇମିତି ଲାଗିଲା। ହଠାତ୍ ଝିଅଟିର ଆଖିରେ ଲୁହ ଟଳମଳ ହେଉଥିବାର ଦେଖିଲି। ମୁଁ ବ୍ୟସ୍ତ ହୋଇ ପଡିଲି।-' ଆରେ ମା' କ'ଣ ହେଲା ? -' ନାଇଁ ଅଙ୍କଲ କିଛି ନାହିଁ। ମାମା କଥା ପଚାରିଲେ ତ ! ସେଇଥିପାଇଁ। ମାମା ଦୁଇ ବର୍ଷ ଆଗରୁ, କରୋନାରେ ଆମକୁ ଛାଡି ଚାଲିଯାଇଛନ୍ତି। ଆଖିରୁ ଲୁହ ପୋଛିଲା ଝିଅଟି। ଆଉ କିଛି ପଚାରିବାକୁ ମୋର ସାହସ ନଥିଲା।

ଷ୍ଟେସନ ଆସିଗଲା। ଝିଅଟି ଠିଆ ହୋଇପଡି ଉପର ବର୍ଥରୁ ଲଗେଜ କାଢିବାକୁ ଚେଷ୍ଟା କଲା। ସ୍ୱତଃ ପ୍ରବୃତ୍ତ ଭାବରେ ମୁଁ ସାହାଯ୍ୟ କରିବାକୁ ଚାହିଁଲି। ସେ ଖୁସି ହୋଇଗଲା। ଗେଟ୍ ପର୍ଯ୍ୟନ୍ତ ଟ୍ରଲି ବ୍ୟାଗଟିକୁ ମୁଁ ନେଇଗଲି। ସେ ତଳକୁ ଓହ୍ଲାଇ ମୋ ହାତରୁ ବ୍ୟାଗଟିକୁ ନେଲା ବେଳେ ନଜର ପଡିଲା ବ୍ୟାଗରେ ଲାଗିଥିବା ଷ୍ଟିକର ଉପରେ। 'ସମ୍ପ୍ରିତି ମିଶ୍ର'। ମନେ ପଡିଲା ନୂଆ ବର୍ଷ ପାଇଁ ଗ୍ରୀଟିଙ୍ଗସ୍ କାର୍ଡରେ ପ୍ରୀତି ଆଙ୍କିଥିବା ସୂକ୍ଷ୍ମ କାରୁକାର୍ଯ୍ୟରେ 'ସମ୍ଭିତ+ପ୍ରୀତି'କୁ ମୁଁ ଖୋଜି ପାଇଥିଲି ଅନେକ କଷ୍ଟରେ। ଆମର ଝିଅ ହେଲେ ତା ନାଁ ସମ୍ପ୍ରିତି ରଖିବା ବୋଲି ସେ ହସି ହସି କହିଥିଲା ପ୍ରୀତି। ମୁଁ ଝିଅଟିର ଯିବା ବାଟକୁ ତଟସ୍ଥ ହୋଇ ଚାହିଁଥିଲି...!!!

+ କୁଞ୍ଜବିହାରୀ ଲେନ, କଟକ

# ଓଡ଼ିଶା ଶକ୍ତି ସଂଚାରଣ ନିଗମର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର ,୩୦/୧୦ (ନି.ପ୍ର): ଶକ୍ତି ବିଭାଗ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ଶକ୍ତି ସଂଚାରଣ ନିଗମର କାର୍ଯ୍ୟକ୍ରମ ଉପରେ ଶନିବାର ଏକ ସମୀକ୍ଷା ବୈଠକ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ରାଜ୍ୟରେ ବୃଦ୍ଧି ପାଉଥିବା ଶକ୍ତି ଚାହିଦା ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଦେବ ସଂପ୍ରତି ରାଜ୍ୟ ସରକାର ରାଜ୍ୟରେ ଶିଳ୍ପାୟନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ଅଧିକ ଶକ୍ତି ଉତ୍ପାଦନର ଆବଶ୍ୟକତା ରହିଥିବା କହିଥିଲେ । ତେଣୁ ସେ ଆଗକୁ ଅଧିକ ଶକ୍ତି ଉତ୍ପାଦନ ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିବା ଏବଂ ସେଥି ପାଇଁ ବଜେଟ୍ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ ।

ପଶ୍ଚିମ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ହେଉଥିବା ଏବଂ ସେ ଅଂଚଳରେ ଶକ୍ତି ଚାହିଦା ଅଧିକ ଥିବା ହେତୁ ଏହି ଚାହିଦା ପୂରଣ କରିବାକୁ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିବାସୀମାନଙ୍କୁ କହିଥିଲେ । ଅବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ରେଡିଆଲ୍ ଗ୍ରୀଡ୍ କୁ ରିଙ୍ଗ ମୋଡ୍ ରେ ପରିବର୍ତନ କରିବା ପ୍ରକ୍ରିୟା ଏଯାବତ୍ ୧୨ଟି ପ୍ରକଳ୍ପ ମଧ୍ୟରୁ ପାରଳାଖେମୁଣ୍ଡି-ଆର ଉଦୟଗିରି, ବୌଦ୍ଧ-ଫୁଲବାଣୀ ଏବଂ ଘେଁସ-ପଦମ୍‌ପୁର ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ସମସ୍ୟା ରହିଥିବା ବୈଠକରେ ପ୍ରକାଶ କରାଯାଇଥିଲା । ଅନ୍ୟଗୁଡ଼ିକର କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ଉପକୂଳବର୍ତୀ ଜିଲ୍ଲାଗୁଡ଼ିକ ବାତ୍ୟା ପ୍ରତିରୋଧୀ ବିଦ୍ୟୁତିକରଣ କାର୍ଯ୍ୟରେ ୬ଟି ପ୍ରକଳ୍ପ ମଧ୍ୟରୁ ୫ଟି ସରିଥିବାବେଳେ ଚାନ୍ଦବାଲି-ଧାମରା ୧୩୨ କେଭି ଲାଇନ୍ କାର୍ଯ୍ୟ ଚାଲୁଥିବା କୁହାଯାଇଥିଲା । ବିପର୍ଯ୍ୟୟ ମୁକାବିଲା ନିମନ୍ତେ ତ୍ୱରିତ ବିଦ୍ୟୁତସେବା ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ରାଜ୍ୟର କେତୋଟି ସ୍ଥାନରେ ବିପର୍ଯ୍ୟୟ ମୁକାବିଲା କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୫୧.୩୩ କୋଟି ବ୍ୟୟ ଅଟକଳରେ ୨୦୧୫-୧୬ ମସିହାରେ କାର୍ଯ୍ୟ ହାତକୁ ନିଆଯାଇଥିଲା । ସେଥି ମଧ୍ୟରୁ ଡୁବୁରୀଠାରେ କାର୍ଯ୍ୟ ନିର୍ମାଣାଧୀନ ଥିବାବେଳେ ଚନ୍ଦକା, ବାଲେଶ୍ୱର, ବଲାଙ୍ଗିର, ଖୋର୍ଦ୍ଧା, ଯାଜପୁର ରୋଡ୍, ନରେନ୍ଦ୍ରପୁର, ସମ୍ବଲପୁର, ଚାନ୍ଦପୁର ଓ ଜୟନଗରଠାରେ ନିର୍ମାଣ କାର୍ଯ୍ୟ ସରିଥିବା ଜଣାପଡ଼ିଛି । କେତେକ ସ୍ଥାନରେ ଶକ୍ତିଭାର ଅଧିକ ଥିବାବେଳେ ଅନ୍ୟ କେତେକ ସ୍ଥାନରେ କମ୍ ? ଥିବା ରିପୋର୍ଟରୁ ଜଣାପଡ଼ିଥିବା ଦର୍ଶାଇ ସେଥିରେ କିପରି ସୁଧାର ଅଣାଯାଇପାରିବ ତା'ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ ଦେଇଥିଲେ । ଭୁବନେଶ୍ୱର-କଟକ ଟୁଇନ୍ ସିଟି ମଧ୍ୟରେ ବ୍ୟାପକ ବିକାଶ ଯୋଜନା (ସିଡିପି) ଅଧୀନରେ ଭୂତଳ କେବୁଲିଂ ଏବଂ ବିକଳ୍ପ ବିଦ୍ୟୁତ ସେବା ଲାଇନ୍ ବ୍ୟବସ୍ଥା କରିବାକୁ ୧୪୯୨.୦୭ କୋଟି ଟଙ୍କା ବିନିଯୋଗରେ ୧୩ଟି ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇଛି । ସେଥିରେ କଟକ, ବିଡ଼ାନାସୀ, ପ୍ରତାପଶାସନ, ସିଡିଏ, ୟୁନିଟ୍-୮, ମଂଚେଶ୍ୱର, ଗୋଡ଼ିସାହି କାର୍ଯ୍ୟ ସରିଥିବାବେଳେ ନୂଆପଡ଼ା-ପ୍ରତାପଶାସନ, କଣ୍ଟାବାଡ଼, ସତ୍ୟନଗର, ବଡଗଡ଼ ଓ ବାଲିଅନ୍ତାଠାରେ ନିର୍ମାଣ କରାଯାଉଥିବା ୧୩୨ ଏବଂ ୨୨୦ କେଭି ସବ୍‌ଷ୍ଟେସନ୍ କାର୍ଯ୍ୟ ନିର୍ମାଣାଧିନ ରହିଛି । ୨୦୨୧-୨୨ରେ ବିଭାଗ ଦ୍ୱାରା ୨୦୮୫ ଏମ୍‌ଭିଏ କ୍ଷମତାବିଶିଷ୍ଟ ୨୯୫.୧୧ ସର୍କିଟ କିମି ଦୈର୍ଘ୍ୟ ବିଦ୍ୟୁତଲାଇନ୍ ବିଛାଇବା, ସମୁଦାୟ ୪୬୫.୯୮ ସର୍କିଟ୍ କିମି ସ୍ୱତନ୍ତ୍ର ଲାଇନ୍ ଏବଂ ଶିଳ୍ପାଂଚଳ ସକାଶେ ୧୨୬.୩୭୪ ସର୍କିଟ୍ କିମି ଲାଇନ୍ ବିଛାଇବା କାର୍ଯ୍ୟ କରାଯାଇଛି । ସୌରଶକ୍ତି ଉପରେ ଆଖିଦୃଶିଆ ବିକାଶ ହୋଇ ନପାରିବା ହେତୁ ରାଜ୍ୟ କର୍ମସଂସ୍ଥାନ ସୁଯୋଗ ହରାଉଥିବା ନେଇ ସମୀକ୍ଷାରେ ଉଦ୍‌ବେଗ ପ୍ରକାଶ କରା ଯାଇଥିଲା । ମନ୍ତ୍ରୀ ଶ୍ରୀ ଦେବ ବୈଷୟିକ ବ୍ୟବସ୍ଥା ଉପଯୋଗରେ କାର୍ଯ୍ୟାଳୟକୁ ଅଧିକ ପାରଦର୍ଶୀ କରିବା ଏବଂ କାଗଜମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ପର୍ଯ୍ୟାୟ କ୍ରମେ ଯନ୍ତ୍ରୀ ପଦବୀଗୁଡ଼ିକ ପୂରଣ କରିବା ଉପରେ ସମୀକ୍ଷାରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ ମିଶ୍ର, ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପତି, ଅତିରିକ୍ତ ସଚିବ ଶ୍ରୀମତୀ ଲିପ୍‌ସା ଦାସଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଖୋର୍ଦ୍ଧା ,୩୦/୧୦ (ନି.ପ୍ର): ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଧିକାରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ବିଜେବି ହାଇସ୍କୁଲରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ ଆତ୍ମ ଓ ଜୀବନରକ୍ଷାକାରୀ କୌଶଳ ପ୍ରଦର୍ଶନ କରାଯାଇଥିଲା । ପରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏ ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ 'ବିପର୍ଯ୍ୟୟ ଜନିତ ସମ୍ଭାବ୍ୟ କ୍ଷୟକ୍ଷତିର ସ୍ଥିତିସ୍ଥାପକତାରେ ଗୋଷ୍ଠୀର ଭୂମିକା' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ପାରସ୍ପରିକ ସହଯୋଗରେ ଦୁର୍ବିପାକର ମୁକାବିଲା କରାଯାଇ ପାରିବ । ଦୈବୀ ଦୁର୍ବିପାକ ସଂପର୍କିତ ସଠିକ ସୂଚନା ସହ ଠିକଣା ସମୟରେ ତ୍ୱରିତ ପଦକ୍ଷେପ ଗ୍ରହଣ ଓ ସତର୍କତା ଅବଲମ୍ବନର ଆବଶ୍ୟକତା ରହିଛି । ବିଶେଷ କରି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନଙ୍କ ପ୍ରତି ସଂପୃକ୍ତ ଅଂଚଳରେ ଜନସାଧାରଣଙ୍କ ସହଯୋଗ ରହିଲେ ବିପର୍ଯ୍ୟୟ ପରବର୍ତି ପରିସ୍ଥିତିକୁ ମୁକାବିଲା କରିବାରେ ସହାୟକ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ପ୍ରସ୍ତୁତିର ଶପଥ ପାଠ କରାଯାଇଛି । ଏତଦବ୍ୟତୀତ ଉକ୍ତ ଦିବସ ପାଳନ ଅବସରରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା, କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲ୍ଲା ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ମନୋଜ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଓସଡମା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ଦାଶ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସମର୍ପଣ ୨୦୨୨ ଅନୁଷ୍ଠିତ

ବଲାଙ୍ଗିର ,୩୦/୧୦ (ନି.ପ୍ର): ସ୍ଥାନୀୟ ଟାଉନ ହଲ୍ ଠାରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସମର୍ପଣ ୨୦୨୨ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଂପାଦକ ଗୋବିନ୍ଦ ଶତପଥୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଳ ସମ୍ପଦ, ପରିବହନ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପୌରାଧ୍ୟକ୍ଷା ଲିକା ସାହୁ, ବରିଷ୍ଠ ସାମ୍ବାଦିକ ମନରଂଜନ ଯୋଷୀ, ସମୃଦ୍ଧ ଓଡିଶାର ରାଜ୍ୟ ସଭାପତି ଯତୀଶ ମହାନ୍ତି ପ୍ରମୁଖ ଯୋଗ ଦେଇ ସେବା ହିଁ ସମର୍ପଣ । ଯୁବପିଢି ନିଜକୁ ସେବାରେ ସମର୍ପିତ କରିବା ପାଇଁ ଆଗେଇ ଆସିବା ଗୋଟିଏ ବହୁତ ବଡ କଥା ବୋଲି କହି ପ୍ରଶଂସା କରିଥିଲେ । ସଭାପତି ସନ୍ତୋଷ ପଟ୍ଟନାୟକ ମଂଚାସୀନ ଥିବା ବେଳେ ଅତିଥିମାନେ ଏହି ଅବସରରେ ସ୍ମରଣିକା 'ସମର୍ପଣ - ୨୦୨୨'କୁ ଉନ୍ମୋଚନ କରିଥିଲେ । ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମଟର କର୍ମଚାରୀମାନଙ୍କ ପାଇଁ ଚିଠା-କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ,୩୦/୧୦ (ନି.ପ୍ର): ଅଣ-ସଂଗଠିତ କ୍ଷେତ୍ରରେ କାମ କରୁଥିବା ମଟର ଚାଳକ ଏବଂ ମଟର କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ନୂଆ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଏଥି ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏହି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏ ସମ୍ବନ୍ଧିତ ଆର୍ଥିକ ଓ ଆଇନଗତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବୈଠକରେ ଉପସ୍ଥିତ ପ୍ରସ୍ତାବଗୁଡିକୁ ବିଚାରକରି ମଟର କର୍ମଚାରୀ କଲ୍ୟାଣ ସମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ । ଏଥି ପାଇଁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ କର୍ମଚାରୀ ନିୟମ ପରିପ୍ରେକ୍ଷୀରେ ଏକ ସବିଶେଷ ଚିଠା-କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ମଟର କର୍ମଚାରୀମାନଙ୍କ କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ହେଲେ ପ୍ରଚଳିତ ପୁରୁଣା ନିୟାମକରେ ଆବଶ୍ୟକୀୟ ସଂଶୋଧନ ଆଣିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ କହିଥିଲେ ।

ଆଇନ୍ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ସମନ୍ୱିତଭାବେ ପ୍ରସ୍ତାବ ସହ ସଂପୃକ୍ତ ଆଇନଗତ, ପ୍ରଶାସନିକ ଏବଂ ଆର୍ଥିକ ଦିଗକୁ ଅନୁଧ୍ୟାନ କରି ଆସନ୍ତା ଏକ ସପ୍ତାହ ମଧ୍ୟରେ ଚିଠା-ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଘରୋଇ ଓ ଅଣ-ସଂଗଠିତ ପରିବହନ ସଂସ୍ଥା ପ୍ରଭୃତିରେ କାମ କରୁଥିବା ଚାଳକ ଓ କର୍ମଚାରୀମାନଙ୍କର ସଙ୍ଖ୍ୟା ଆକଳନ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ରମ ଓ କର୍ମଚାରୀ ରାଜ୍ୟ-ବୀମା ବିଭାଗ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଶ୍ରମ ଆୟୁକ୍ତ ଡ଼ାକ୍ତର ଥିରୁମାଲା ନାୟକ ମଧ୍ୟ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ ।

## ମେଟ୍ରୋନ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ମାଲକାନଗିରି ,୩୦/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ମେଟ୍ରୋନ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ସ୍ୱେତସ୍ମିତା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ନେତା ବଂଶୀଧର ମୁଦୁଲି, ସମାଜସେବୀ ଦୁର୍ଯୋଧନ ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ମେଟ୍ରୋନ ମାନେ ଦୀର୍ଘ ୨୦୦୪ ମସିହାରୁ ଆଶ୍ରମ ବିଦ୍ୟାଳୟର ଛାତ୍ରାବାସ ମାନଙ୍କରେ ଦିବାରାତ୍ରି ୨୪ ଘଂଟା କାର୍ଯ୍ୟରତ ରହି ଛାତ୍ରଛାତ୍ରୀ ମାନଙ୍କ ଖାଦ୍ୟ ପେୟ ପରିସ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ଅବସ୍ଥା ଇତ୍ୟାଦି ସମ୍ବନ୍ଧରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଠିକା କର୍ମଚାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଯେଉଁଥି ପାଇଁ ମାସିକ ୧୦ ହଜାର ଟଙ୍କା ଦରମା ଆକାରରେ ପ୍ରଦାନ କରାଯାଉଥିବା ବେଳେ ସେଥିରେ ସେମାନଙ୍କ ପରିବାର ଚଳିବା କଷ୍ଟସାଧ ହେଉଥିବା ବେଳେ ସେସବୁକୁ ଖାତିର ନକରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ନେଉଛନ୍ତି ।

# ରାଜ୍ୟସ୍ତରୀୟ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ

ଭୁବନେଶ୍ୱର ,୩୦/୧୦ (ନି.ପ୍ର): ରାଜ୍ୟସ୍ତରୀୟ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଭିଡିଓ ବାର୍ତା ମାଧ୍ୟମରେ ସମସ୍ତଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଏହି ଦିବସ ୧୯୯୯ ମସିହାରେ ସଂଘଟିତ ପ୍ରଳୟଙ୍କରୀ ମହାବାତ୍ୟାର ଭୟାବହତା ଏବଂ ଧ୍ୱଂସଲୀଳାକୁ ମନେ ପକାଇବା ସହିତ ଭବିଷ୍ୟତରେ ଯେ କୌଣସି ପ୍ରକାରର ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଆମ୍ଭକୁ ଦୃଢ ସଂକଳ୍ପବଦ୍ଧ କରାଇଥାଏ । ମହାବାତ୍ୟାର ୨୩ ବର୍ଷ ପରେ ଆମେ ଆମ ରାଜ୍ୟକୁ ବିପର୍ଯ୍ୟୟ ସମୟରେ ଯେପରି ନିରାପଦରେ ରଖିପାରିବୁ, ସେଥିପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛୁ । ବିପର୍ଯ୍ୟୟ ପରିଚାଳନା ପାଇଁ ଓଡିଶାରେ ଭିତିଭୂମି ସୁଦୃଢ କରାଯାଇଛି । ବିଗତ କିଛି ବର୍ଷ ହେଲା ଆମର ବିପର୍ଯ୍ୟୟ ପରିଚାଳନା ଉଦ୍ୟମକୁ ବିଶ୍ୱବାସୀ ପ୍ରଶଂସା କରିଆସୁଛନ୍ତି । ପ୍ରତି ଅଂଶୀଦାରୀ ଅନୁଷ୍ଠାନ ଓ ନାଗରିକମାନଙ୍କୁ ଏକ ବିପର୍ଯ୍ୟୟ ପ୍ରତିରୋଧୀ ଓଡିଶା ଗଠନ ଦିଗରେ ପୁନଃ ପ୍ରତିବଦ୍ଧ ହେବାକୁ ସମସ୍ତେ ସମ୍ମିଳିତ ପ୍ରୟାସ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଦିବସରେ ମହାବାତ୍ୟା ଏବଂ ନିକଟ ଅତୀତରେ ଘଟିଥିବା ବିଭିନ୍ନ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଏହା ବ୍ୟତୀତ ଆଜି ଓସଡମା ତରଫରୁ ଆୟୋଜିତ ଏକ ବୃହତ୍ ପ୍ରଦର୍ଶନୀକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରିବା ସହିତ ପ୍ରଦର୍ଶନୀରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବ୍ୟବହାର ହେଉଥିବା ସମସ୍ତ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସଂପର୍କରେ ପଚାରିବୁଝିଥିଲେ ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା କହିଲେ ଯେ, ୧୯୯୯ ର ମହାବାତ୍ୟା ପରେ ଆମେ ଅନେକ କଥା ଶିକ୍ଷା କରିଛୁ । ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆମକୁ ଆହୁରି ଶକ୍ତିଶାଳୀ ହେବାକୁ ପଡିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଶ୍ରୀ ସତ୍ୟବ୍ରତ ସାହୁ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ, ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ (ଆଇନ୍ ଶୃଙ୍ଖଳା) ରାଧାକ୍ରିଷ୍ଣନ୍ ଶର୍ମା ଯୋଗଦେଇ ଯୁବଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କର ଦକ୍ଷତାର ବିକାଶ କରି ବିପର୍ଯ୍ୟୟ ମୁକାବିଲା ଦିଗରେ ପ୍ରସ୍ତୁତ କରିବା ଏବଂ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଭାଗିଦାରିତାରେ ବିପର୍ଯ୍ୟୟ ମୁକାବିଲା ପରିଚାଳାନାକୁ ଆହୁରି ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ମୁକାବିଲା ଦିଗରେ ଓଡିଶାର ସଫଳତା ଉପରେ ପର୍ଯ୍ୟବସିତ ପୁସ୍ତକ-ଦି ରେସପନ୍ସ, ବିଲ୍ଡିଂ ରେଜିଲିଏଂଟ ଫର ସ୍କୁଲ ଇନ୍ଫ୍ରାଷ୍ଟ୍ରକ୍ଚର, କୋଭିଡ୍-୧୯ ମ୍ୟାନେଜମେଂଟ ପ୍ରୋସେସ ଡକ୍ୟୁମେଂଟ ଆଦି ୩ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ୟୁନିସେଫର୍ ଓଡିଶା ମୁଖ୍ୟ ମୋନିକା ନେଲସନ ଯୋଗଦେଇଥିଲେ ।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ରାଜ୍ୟର ପ୍ରମୁଖ ୩ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳର ସଭାପତି ଓ ସଂପାଦକମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା । ଭାରତୀୟ ରେଡକ୍ରସ ସୋସାଇଟିର ଶ୍ରେଷ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ଗୋଷ୍ଠୀ ପରିଚାଳନା ଭିତିକ ବାତ୍ୟା ଆଶ୍ରୟସ୍ଥଳ, ଶ୍ରେଷ୍ଠ ବିପର୍ଯ୍ୟୟ ପରିଚାଳନା ପ୍ଲାନ୍ ପାଇଁ ଗଜପତି ଜିଲ୍ଲା, କୋମନା ବ୍ଲକ (ନୂଆପଡା), ଦାରିଙ୍ଗିବାଡି (କନ୍ଧମାଳ), ଆଠମଲ୍ଲିକ (ଅନୁଗୋଳ) ବ୍ଲକକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କାର୍ଯ୍ୟକରୁଥିବା ଏନଡିଆରଏଫ୍, ଓଡ୍ରାଫ, ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ସହଯୋଗୀ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧାମନଗରରେ ବୈତରଣୀ ବନ୍ୟାର ସମାଧାନ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ: ବିଶେଶ୍ୱର ଟୁଡୁ

ଧାମନଗର/ଭୁବନେଶ୍ୱର ,୩୦/୧୦ (ନି.ପ୍ର): ଶନିବାର ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତ, ବିଶେଷ ଭାବରେ ବୈତରଣୀ ନଦୀର ବନ୍ୟାରେ ପ୍ରତିବର୍ଷ ପ୍ରଭାବିତ ହେଉଥିବା ଅଂଚଳମାନଙ୍କରେ ବିଜେପି ପାଇଁ ପ୍ରଚାର କରିଥିଲେ କେନ୍ଦ୍ରୀୟ ଜଳସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଶ୍ରୀ ଟୁଡୁଙ୍କ ପ୍ରଚାର ସମୟରେ ଧାମନଗରର ସ୍ଥାନୀୟ ଜନତା ସେମାନଙ୍କର ଦୁଃଖ ଜଣାଇଥିଲେ । ବୈତରଣୀର ନଦୀ ବନ୍ଧରେ ଯାଜପୁର ପଟକୁ ସୃଦୃଢ କରାଯାଇ ଭଦ୍ରକ ପଟରେ ଯୋଜନାକୃତ ଭାବରେ ଘାଇ କରାଯାଇଥିବାରୁ ପ୍ରତି ବର୍ଷ ଭଦ୍ରକ ଜିଲ୍ଲାର ଲୋକେ ବନ୍ୟାରେ ପ୍ରଭାବିତ ହେଉଥିବା କଥା ଧାମନଗରବାସୀ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ ।

କେନ୍ଦ୍ରମନ୍ତ୍ରୀ ତାଙ୍କ ପ୍ରଚାର ସମୟରେ ଏହି ପ୍ରସଙ୍ଗରେ କହିଥିଲେ ଯେ, ଜଳସମ୍ପଦ ମନ୍ତ୍ରୀ ଭାବରେ ବୈତରଣୀ ନଦୀରେ ଆସୁଥିବା ବନ୍ୟାର ସମାଧାନ ପାଇଁ ସେ ସଙ୍କଳ୍ପବଦ୍ଧ । ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ସହଯୋଗରେ ଏହି ବନ୍ୟାର ସମାଧାନ କରାଯାଇ ଧାମନଗରବାସୀଙ୍କୁ ଏହି ବିପତିରୁ ରକ୍ଷା କରାଯିବ । ସ୍ଥାନୀୟ ଲୋକ ଦେଇଥିବା ଦାବିପତ୍ର ଆଧାରରେ କେନ୍ଦ୍ର ସରକାର ବନ୍ୟାର ସମାଧାନ ପାଇଁ ରାସ୍ତା କାଢିବେ ।

କେନ୍ଦ୍ରୀୟ ଜଳସମ୍ପଦ ମନ୍ତ୍ରଣାଳୟର ଏକ ଅଭିଜ୍ଞ ଟିମ ଖୁବଶିଘ୍ର ଧାମନଗର ଆସିବେ । ସେମାନେ ନିରିକ୍ଷଣ କରିବା ପରେ ବନ୍ୟାର ସମାଧାନ କରିବା ପାଇଁ ଯାହା ଦରକାର ପଡେ ତାହା କେନ୍ଦ୍ର ସରକାର କରିବେ । ଯଦି ଏହି ପ୍ରକଳ୍ପ ପାଇଁ ଅର୍ଥ ଦରକାର ପଡେ ତାହେଲେ ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା ମଧ୍ୟ କରିବେ ବୋଲି ବିଶେଶ୍ୱର ଟୁଡୁ କହିଛନ୍ତି ।

# ଉପକୂଳ ରାଜପଥ ବିବାଦ: ଏନ୍‌ଏଚ୍‌ଏଆଇକୁ ଚିଠି ଲେଖିଲେ ରାଜ୍ୟ ସରକାର

ଭୁବନେଶ୍ୱର ,୩୦/୧୦ (ନି.ପ୍ର): ପ୍ରସ୍ତାବିତ ଉପକୂଳ ରାଜପଥ ବିବାଦରେ ଶେଷରେ ରାଜ୍ୟ ସରକାର ହସ୍ତକ୍ଷେପ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ପ୍ରସ୍ତାବରେ ପରିବର୍ତ୍ତନ ଆଣିବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି । କ୍ୟାପିଟାଲ ୟୁଥ୍ ଆଣ୍ଡ ସ୍ପୋର୍ଟସ୍, ଭୁବନେଶ୍ୱର ନାମକ ଏକ ଅନୁଷ୍ଠାନ ପକ୍ଷରୁ ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏହି ମର୍ମରେ (ନକ୍ସା ପରିବର୍ତ୍ତନ) ଏକ ଦାବିପତ୍ର ଦିଆଯାଇଥିଲା । ଉକ୍ତ ଦାବିକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି । ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଏନ୍‌ଏଚ୍‌ଏଆଇର ଓଡ଼ିଶା ଚିଫ୍ ଜେନେରାଲ୍ ମ୍ୟାନେଜର (ସିଜିଏମ୍)ଙ୍କୁ ଅନୁରୋଧ କରାଯାଇଛି । ଅପରପକ୍ଷେ ଏହି ନକ୍ସା ପରିବର୍ତ୍ତନ ପାଇଁ ଦୀର୍ଘ ଦିନ ଧରି ଲଢ଼େଇ ଜାରି ରଖିଥିବା ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି (ବାଲିକୁଦା) କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଦୋହରାଇଛି । କମିଟିର ସକ୍ରିୟ ସଦସ୍ୟ ଡ. ଶଶାଙ୍କ ଶେଖର ସାହାଣୀ ଓ ମନୋଜ ଶୁକ୍ଳା ପ୍ରମୁଖ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ଉପକୂଳଠାରୁ ୨୫ କିଲୋମିଟର ଦୂରରେ ରାଜପଥ ନିଆଗଲେ, କି' କି' ସମସ୍ୟା ହେବ, ସେ ସଂପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ବିଶଦ୍ ଭାବେ ବୁଝାଇଛନ୍ତି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସୁରକ୍ଷାବାହିନୀଙ୍କ ଗମନାଗମନ ମଧ୍ୟ ସହଜ ହେବ; ଯାହାକି ତଟ ସୁରକ୍ଷା ଦିଗରେ ବିଶେଷ ଉପାଦେୟ ସାବ୍ୟସ୍ତ ହେବ । ପୂର୍ବ ପ୍ରସ୍ତାବିତ ନକ୍ସା-୨ ଉପକୂଳଠାରୁ ୫ କିମି ଭିତରେ ଯାଉଥିଲା । ଏନେଇ ସର୍ଭେ କରାଯାଇ ହଳଦିଆ ପିଲର ପୋତା ଯାଇ ଫାଇନାଲ୍ କରାଯାଇଥିଲା । କିନ୍ତୁ ଚଞ୍ଚକତା କରାଯାଇ ନକ୍ସାରେ ପରିବର୍ତ୍ତନ କରାଯାଇଛି ବୋଲି କମିଟି ଅଭିଯୋଗ କରିଛି । ମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିଯୋଗପତ୍ର ଗ୍ରହଣ କରିବା ସହ ସକାରାତ୍ମକ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ସାହାଣୀ କହିଛନ୍ତି । କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ବିଶ୍ୱାଳ ଓ ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜଗତସିଂହପୁର ଜିଲ୍ଲାରେ ଉପକୂଳଠାରୁ ୨୫ କିମି ଦୂରରେ ଏହି ରାଜପଥ ଯାଉଥିବାରୁ ବିବାଦ ଦେଖାଦେଇଥିଲା । ଏହାକୁ ହୃଦୟଙ୍ଗମ କରି ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ଦୀର୍ଘ ଦିନ ଧରି ଏହାର ପ୍ରତିବାଦ କରିଆସୁଛି । ଅନ୍ୟପକ୍ଷରେ, ଏବେ ସୁଦ୍ଧା ଖୋର୍ଦ୍ଧା ଟାଙ୍ଗୀଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୯୨କିମି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ବିବାଦୀୟ ଅଞ୍ଚଳକୁ ଏପର୍ଯ୍ୟନ୍ତ ଟେଣ୍ଡର କରାଯାଇନାହିଁ । ରାଜ୍ୟ ସରକାରଙ୍କ ଏହି ଚିଠି ପରେ ଏନ୍‌ଏଚ୍‌ଏଆଇ କ'ଣ ପଦକ୍ଷେପ ନେବ ତାକୁ ନେଇ ମାନସମନ୍ଥନ ଚାଲିଛି । ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଡ୍ରିମ୍ ପ୍ରୋଜେକ୍ଟ କୁହାଯାଉଥିବା ଏହି କୋଷ୍ଟାଲ୍ ହାଇୱେକୁ ନେଇ ଉଠିଥିବା ବିବାଦର କିପରି ସମାଧନ ହେଉଛି, ତାହା ଦେଖିବା ବାକି ରହିଲା ।

# ଜିଲ୍ଲାସ୍ତରୀୟ ଶିଶୁ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା କର୍ମଶାଳା ଅନୁଷ୍ଠିତ

ବଲାଙ୍ଗିର ,୩୦/୧୦ (ନି.ପ୍ର): ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଆଜି ଏକ ଜିଲ୍ଲା ସ୍ତରୀୟ ଶିଶୁ ମାନସିକ ସ୍ୱାସ୍ଥ୍ୟ ଓ ମନୋ ସାମାଜିକ ସହାୟତା କର୍ମଶାଳା ୟୁନିସେଫ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ଭୁବନେଶ୍ୱର ସ୍ଥିତ ପି ୟୁ ସି ୟୁ ସି ଏବଂ ରାଜେନ୍ଦ୍ର ଯୁବକ ସଂଘ ବଲାଙ୍ଗୀରର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ । ସେ ତାଙ୍କ ଉଦବୋଧନରେ ଶିଶୁମାନଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଶିଶୁମାନଙ୍କ କଲ୍ୟାଣ ପାଇଁ ଠିକ୍ ଭାବରେ ଏହାକୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ । ଏଥିରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଶିଶୁ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ଶିଶୁର ଅଧିକାର ଏବଂ ଆଜିର କାର୍ଯ୍ୟକ୍ରମ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳାରେ ପି ୟୁ ସି ୟୁ ସି ର ପ୍ରଶିକ୍ଷକ ଶୀତଳ ପଟ୍ଟନାୟକ ଶିଶୁ ମାନଙ୍କ ମାନସିକ ଅବସାଦ, ବିଭିନ୍ନ ସମସ୍ୟା ଓ ଉତ୍କଣ୍ଠା ଇତ୍ୟାଦି ଉପରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । କିପରି ଶିଶୁ ମାନଙ୍କ ମାନସିକ ଚାପକୁ କମ୍ କରାଯାଇ ଆତ୍ମହତ୍ୟା, ବିଷାଦ ଓ ହିଂସା ମନୋଭାବକୁ ଦୂର କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ ।

## ବାଇକ୍‌ରୁ ପେଟ୍ରୋଲ ଚୋରି, ଥାନାରେ ମାମଲା ରୁଜୁ

ବସ୍ତା,୩୦/୧୦ (ନି.ପ୍ର): ପଶି ସୁନା, ରୂପା, ଟଙ୍କା, ଗହଣା, ମୂଲ୍ୟବାନ ଆସବାପତ୍ର ଚୋରି ଘଟଣା ଶୁଣିଥିବ। ତେବେ ରାତି ଅଧିଆ ବାଇକ ରୁ ପେଟ୍ରୋଲ ଚୋରି କରିବା ହୁଏତ ଶୁଣି ନଥିବେ। ତେବେ ଏଭଳି ଅଭାବ ନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ରାମଚକ ଗ୍ରାମରେ। ଅଭିଯୋଗ ମୁତାବକ ଗ୍ରାମର ଉମେଶ ବେହେରା ଯିଏକି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କର୍ମଚାରୀ ଅଟନ୍ତି, ସବୁଦିନ ଭଳି ଗତ ୨୭ ତାରିଖ ଗୁରୁବାର ଡିଉଟି ରୁ ଫେରି ତାଙ୍କ ଘର ଦାଣ୍ଡ ପିଣ୍ଡାରେ ତାଙ୍କର ବାଇକ୍ ରଖିଥିଲେ। ତେବେ ରାତ୍ରି ପ୍ରାୟ ୨ଟା ବେଳେ ତାଙ୍କର ପଡୋଶୀ ଜୀବନ କୁମାର ପାଳ ତାଙ୍କ ଘରକୁ ଆସି,ବାଇକ ରୁ ପେଟ୍ରୋଲ ଚୋରି କରୁଥିଲେ, ସେହି ସମୟରେ ଉମେଶ ତେଲ ବୋତଲ ସହିତ, ଜୀବନ ବେହେରା କୁ ଧରିପକାଇ ଥିଲେ। ଜୀବନ ଚିତ୍କାର କରି ଶୁଣି ତାର ବାପା ଅଚ୍ୟୁତ ପାଳ,ବଡବାପା ପରମାନନ୍ଦ ପାଳ, ଭାଇ ଦେବେନ୍ଦ୍ର ପାଳ, ରବୀନ୍ଦ୍ର ପାଳ ଘଟଣା ସ୍ଥଳରେ ପହଁଚି ଉମେଶ ଓ ତାଙ୍କ ସ୍ତ୍ରୀ ଙ୍କୁ କଦର୍ଯ୍ୟ ଭାଷାରେ ଗାଳି ଗୋଲଜ୍ କରିବା ସହିତ, ହତ୍ୟା ଧମକ ଦେଇଥିଲେ। ଏନେଇ ଉମେଶ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅପର ପକ୍ଷ ମଧ ଥାନାରେ ପାଲଟା ଲିଖିତ ଅଭିଯୋଗ କରିଛନ୍ତି। ସିଂଲା ପୋଲିସ ଅଭିଯୋଗ କୁ ଭିତ୍ତି କରି ୧୯୨/୨୨ ଓ ୧୯୩/୨୨ ଦୁଇଟି ପୃଥକ୍ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଖୋର୍ଦ୍ଧା,୩୦/୧୦ (ନି.ପ୍ର): ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ରାଜ୍ୟ) ସାଫଲ୍ୟ ମଣ୍ଡିତ ପ୍ରଧାନ ସଞ୍ଜୟ ରଥକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ ବୁଲି ସ୍ୱଳ୍ପ ସଂଚୟ ଉପରେ ସଚେତନତା ସୃଷ୍ଟି କରିବ। ସରକାରୀ ଓ ପଞ୍ଜିକୃତ ସଂସ୍ଥା ମାଧ୍ୟମରେ ଅର୍ଥଲଗାଣ କରିବା, କମ ସମୟ ମଧ୍ୟରେ ଅଧିକ ଅର୍ଥ ପାଇବା ପାଇଁ କୌଣସି ଅଣ ପଞ୍ଜିକୃତ ସଂସ୍ଥା ପକ୍ଷରୁ ଆକର୍ଷଣମୂଳକ ଘୋଷଣା ଠାରୁ ନିଜକୁ ଦୂରେଇ ରଖିବା ସମ୍ପର୍କରେ ସଚେତନତା ସୃଷ୍ଟିକରିବ। ଆର୍ଥିକ ନେଣଦେଣ ସମ୍ପର୍କରେ କୌଣସି ଅଜଣା ବ୍ୟକ୍ତି କିମ୍ବା ଏସ୍‌ଏମ୍‌ଏସ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ। ଆବଶ୍ୟକସ୍ଥଳେ ସ୍ୱୀକୃତିପ୍ରାପ୍ତ ଜେଂଟମାନଙ୍କ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ସଂଚୟ କରିହେବ। ନିରାପଦ ସଂଚୟ ଓ ସୁରକ୍ଷିତ ଭବିଷ୍ୟତ ଉପରେ ବାର୍ତ୍ତା ପ୍ରଦାନ କରିବ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଆସନ୍ତାକାଲି ଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସଂଚୟ ପାକ୍ଷିକ ପାଳନ କରାଯିବ। ଚଳିତ ବର୍ଷର ବିଷୟବସ୍ତୁ 'ସଂଚୟ ହିଁ ଭବିଷ୍ୟତର ଆବଶ୍ୟକତା' ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ହେବ। ଏହି ଅବସରରେ ସ୍ୱଳ୍ପ ସଂଚୟ ବିଭାଗ ସହ ନିର୍ଦ୍ଦେଶକ ଶଙ୍କର୍ଷଣ ପଟ୍ଟନାୟକ, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ସତ୍ୟନାରାୟଣ ବେହେରା, ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ଏଜେଂଟ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକରେ ୪୮ ବର୍ଗ କଲେଜ ଅଧ୍ୟାପକ ସଂଘର ସଂକଳ୍ପ ଦିବସ



ଭଦ୍ରକ,୩୦/୧୦ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗର ତତ୍‌କାଳ ଆବଶ୍ୟକତା ଉପରେ ସରକାର ଯେପରି ଧ୍ୟାନ ଦେଉଛନ୍ତି, ସେହି ଅନୁଯାୟୀ ରାଜ୍ୟର ଉଚ୍ଚଶିକ୍ଷାର ଅତୀତ ପ୍ରତି ଦୃଷ୍ଟିଦେଇ ଭବିଷ୍ୟତର ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବା ଦରକାର। ସରକାରଙ୍କର ଆର୍ଥିକ ସଂକଟ ବେଳେ ଯେଉଁମାନେ ଅର୍ଦ୍ଧଭୁକ୍ତ ଅବସ୍ଥାରେ ରହି ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଚଳାଇ ଆସିଥିଲେ, ସେମାନଙ୍କର ଚାକିରୀ ସର୍ତ୍ତାବଳୀ ପୂରଣ, ପୂର୍ଣ୍ଣ ୭ମ ବେତନ ପ୍ରଦାନ ଓ ଅବସର ପରେ ପେନସନ ବ୍ୟବସ୍ଥା ଇତ୍ୟାଦି ଲାଗୁ ନକରାଇଲେ, ରାଜ୍ୟର ପୁରାତନ ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକଙ୍କ ବ୍ୟାପକ ଅବସର ପରେ ପରବର୍ତ୍ତୀ ନିଯୁକ୍ତି କ୍ଷେତ୍ରରେ ମଧ ବାଧା ଉପୁଜିବ। ଫଳରେ ଉଚ୍ଚଶିକ୍ଷା ବିଭାଗରେ ପୁଣି ଅସମାନତା ଓ ଅରାଜକତା ବୃଦ୍ଧିପାଇବ। ଏଣୁ ଜୀବନର ମଧ୍ୟାହ୍ନକୁ ଛୁଇଁ ଅପରାହ୍ଣରେ ପହଞ୍ଚିଥିବା ଏହି ବର୍ଗର ଅଧ୍ୟାପକଙ୍କ ସ୍ଥିତିସୁରକ୍ଷା କ୍ଷେତ୍ରରେ ସରକାର ଆଶୁ ପଦକ୍ଷେପ ନିଅନ୍ତୁ ବୋଲି ୪୮ ବର୍ଗ ମହାବିଦ୍ୟାଳୟ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସଭାପତି ଅଧ୍ୟାପକ ପବିତ୍ର ମହଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ପୂର୍ବାହ୍ଣରେ ଭଦ୍ରକ ଜିଲ୍ଲା ୪୮ ବର୍ଗ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତିର ସଂକଳ୍ପ ଦିବସ ଉପଦେଷ୍ଟା ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବାଗ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅଧ୍ୟାପକ ମହଲା ଏହି ବର୍ଗର ଅଧ୍ୟାପକ କର୍ମଚାରୀଙ୍କ ସ୍ଥିତି ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ଲାଗି ସମ୍ମିଳିତ ସଂଗ୍ରାମ ଲୋଡ଼ା ଏବଂ ରାଜ୍ୟ ସରକାର ଏହି ପ୍ରସଂଗକୁ ପ୍ରାଥମିକତା ସୂତ୍ରରେ ଧ୍ୟାନଦିଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ୪୮ ବର୍ଗ କଲେଜ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ଅଧ୍ୟାପକ ଅଟଳବିହାରୀ ବଳ ଯୋଗଦେଇ ନ୍ୟାଯ୍ୟ ଅଧିକାର ପାଇଁ ବିଶ୍ୱାସ ନହରାଇ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ତଥା ଦକ୍ଷିଣ ଓଡ଼ିଶାର ଶିକ୍ଷକନେତା ଅଧ୍ୟାପକ ପ୍ରଶାନ୍ତ ପାତ୍ର, ଭଦ୍ରକ ଜିଲ୍ଲାର ଶିକ୍ଷକ ନେତା ଅଧ୍ୟାପକ ସ୍ନେହାଂଶୁ ମହାନ୍ତି, ଡକ୍ଟର ରଘୁନାଥ ସାହୁ, ଅଧ୍ୟାପକ ଭୀମସେନ ଓଝା, ଅଧ୍ୟାପକ ଅଶୋକ ନାୟକ ଓ ଅଧ୍ୟାପକ କୀର୍ତ୍ତିରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଆଶିଷ କୁମାର ସ୍ୱାଇଁ, ମନୋଜ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ଅତିଥି ତ୍ରୟଙ୍କୁ ଜିଲ୍ଲା ସଂଘ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ନିରୁପମା ସାହୁ, ଆଭାମୟୀ ମହାପାତ୍ର ଓ ପ୍ରହ୍ଲାଦ ମାହନ୍ତ ମାନପତ୍ର ପାଠ କରିଥିଲେ। ଅଧ୍ୟାପିକା ସୁସ୍ମିତା ପଣ୍ଡା, ମନୋରମା ଖଣ୍ଡାଇ, ହୀରକଲତା ଦାଶ, କାନନବାଳା ମହାନ୍ତି, ପଦ୍ମାଳୟା ଖଟୁଆ, ସଂଗୀତାପ୍ରଭା ବସନ୍ତିଆ, ସ୍ମରଣିକା ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପକ ରାଜକିଶୋର ରାଏ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ



ବାରିପଦା, ୩୦/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ର ଅଗ୍ରଣୀ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ 'ପ୍ରକୃତି ଓ ସାହିତ୍ୟ' ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଲାଲମୋହନ ପତି ସରକାରୀ ଉଚ୍ଚ ବିଦ୍ୟାଳୟ, ଧନପୁରର ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାଲେଶ୍ୱରର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟ ଅତିଥି, ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ର ପୃଷ୍ଠପୋଷକ ସଦସ୍ୟ କବି ଅମିତାଭ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ର ସାମଗ୍ରିକ ଦୃଷ୍ଟିଭଙ୍ଗୀ ରେ ପ୍ରକୃତିରକ୍ଷଜି ସଦା ସର୍ବଦା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଅଶୋକ କୁମାର ପୁଷ୍ଟି, କବୟିତ୍ରୀ ସୁନିତା ରାଣୀ, ଅସିତ କୁମାର ସାହୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଡିସେମ୍ବର ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ହେବାର ସ୍ଥିରୀକୃତ ହୋଇଥିଲା ।

# ବାଲେଶ୍ୱର ସାଂସଦଙ୍କ ଦ୍ୱାରା ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ପରିଦର୍ଶନ



ବସ୍ତା, ୩୦/୧୦ (ନି.ପ୍ର): ରୂପସା ଆମ୍ବଗଡ଼ିଆ ବିକାଶ ପରିଷଦ, ଭଗବାନପୁର୍, ଦ୍ୱାରା ଅୟୋଜିତ ମେଗା ସ୍ୱେଚ୍ଛାକୃତ ରକ୍ତଦାନ, ଓ ପ୍ରତିଭା ସମ୍ମାନ ଉତ୍ସବ ୨୦୨୨ ରବିବାର ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ବାଲେଶ୍ୱରର ଲୋକପ୍ରିୟ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୁଖ୍ୟବକ୍ତା ପିଞ୍ଛାବଣିଆଁ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ବିଜୟ ଜୀ, ସମ୍ମାନୀତ ଅତିଥି ଲାୟନ୍ସକ୍ଲବ ସମ୍ପାଦକ ତଥା ଯୁବ ସମାଜସେବୀ ସୁମନ୍ତକୁମାର ଜେନା ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିବାସହିତ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନକରିଥିଲେ । ଭାଗବାନପୁର ଗ୍ରାମର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଭାଗବାନ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅନ୍ୟ ସମ୍ମାନିତ ଅତିଥିଭାବେ ବିକାଶ ପରିଷଦର ସ୍ଥାୟି ସଭାପତି ଅର୍ନ୍ତର୍ଯ୍ୟାମି ମହାପାତ୍ର ବେଦମନ୍ତ୍ର ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିବା ବେଳେ ସମାଜସେବୀ ସୁମନ୍ତଜେନା ଫିତାକାଟି ରକ୍ତଦାନ ଶିବିରକୁ ଶୁଭାରମ୍ଭକରିଥିଲେ । ସାଂସଦଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିୟୁଜ ଲେଖା ପର୍ଯ୍ୟନ୍ତ ୫୦ ୟୁନିଟି ରକ୍ତ ସଂଗ୍ରହ ହୋଇଥିଲା ଏହି କାର୍ଯ୍ୟ କ୍ରମକୁ ସ୍ଥାନୀୟ ବେସ ପ୍ରଶଂସା କରୁଥିବା ଜଣାପଡିଛି।

# ସମ୍ବାଦ ସାହିତ୍ୟ ଘର, କପ୍ତିପଦା ତରଫରୁ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ



ଉଦଳା,୩୦/୧୦ (ନି.ପ୍ର): ସମ୍ବାଦ ସାହିତ୍ୟଘର କପ୍ତିପଦା ତରଫରୁ ଆଜି ଅକ୍ଟୋବର ୩୦ ତାରିଖ ରବିବାର ଦିନ ଦେବଳାଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ଼ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ବୃକ୍ଷ ଆମ ଜୀବନ ନାଟିକା ଓ ସେଥିରେ ତାଳଗଛର ପ୍ରଭାବ' ଶିର୍ଷକ ଆଲୋଚନାଚକ୍ର ଏବଂ କବିତାପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସାହିତ୍ୟଘରର ସଂଯୋଜକ ସାମ୍ବାଦିକ ଶୁଶାନ୍ତ ମହାନ୍ତି ଏହାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ପରିଚାଳକ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟଘରର ଏଭଳି ଏକ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ କବି ଇନ୍ଦ୍ରମଣି ବିନ୍ଧାଣୀ, ଶମୀବୃକ୍ଷ ସାହିତ୍ୟ ସଂସଦର ସଭାପତି ପ୍ରଫୁଲ୍ଲ କୁମାର ଖିଲାର ଓ ସାମାଜିକ କର୍ମୀ ମନୋରଂଜନ ମଲ୍ଲିକ ତାଳଗଛର ଫଳ, ମଞ୍ଜି, ପତ୍ର ଠାରୁ ଆରମ୍ଭ କରି ସବୁକିଛି କିପରି କାମରେ ଲାଗେ ଏବଂ ଆମ ସଂସ୍କୃତି ସହିତ ତାଳଗଛ କିପରି ଜଡ଼ିତ ଓ ଏହି ଗଛରେ କେଉଁ କେଉଁ ଜୀବଜନ୍ତୁ ବସବାସ କରନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ। ପରେ ରୁକମଣୀ ସାହୁ, ନମିତା ରାଉତ ଓ ମନାଲିସା ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସର୍ବେଶ୍ୱର ବାରିକ, କ୍ଷଣପ୍ରଭା ଜେନା, ତନୁଶ୍ରୀ ପ୍ରଧାନ, ରାଜକିଶୋର ବେହେରା, ଚନ୍ଦନେଶ୍ୱର ମହାନ୍ତି, ସୂର୍ଯ୍ୟରାଜ ବେହେରା, ବିରେନ୍ଦ୍ର କୁମାର ବିନ୍ଧାଣୀ ପ୍ରମୁଖ ସ୍ୱରଚିତ କବିତା ପାଠୋ କରିଥିଲେ । ଏହାପରେ ସାହିତ୍ୟ ଘରର ସଦସ୍ୟ ରାଜେନ୍ଦ୍ର ବେହେରା ଓ ଚିତ୍ତରଂଜନ ମହାନ୍ତିଙ୍କୁ ଦକ୍ଷ ସଂଗଠକ ଭାବରେ ଅତିଥି ମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରିଥିଲେ । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସବ୍‌ଜୁନିୟର କରାଟେ ଚୟନ ଶିବିର ଅନୁଷ୍ଠିତ

ନୀଳଗିରି,୩୦/୧୦ (ନି.ପ୍ର): ରାଜ୍ୟସ୍ତରୀୟ ସବ୍‌ଜୁନିୟର କରାଟେ ଚମ୍ପିୟାନ ପାଇଁ ଏକ ଚୟନ ଶିବିର ନୀଳଗିରିରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର ୧୧ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସବଜୁନିୟର କରାଟେ ଚମ୍ପିଆନ ପାଇଁ ରାଜ୍ୟର ପ୍ରତି କୋଣ ଅନୁକୋଣରୁ ଉତ୍ସାହୀ କରାଟେ ଖେଳାଳୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ଚୟନ ଶିବିର ଅନୁଷ୍ଠିତ ହେଉଅଛି । ଏହିକ୍ରମରେ ଆଜି ନୀଳଗିରି ଠାରେ ବହୁ ଉତ୍ସାହି ଯୁବକ କରାଟେ ଶିବିରକୁ ଆସି ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଏହି ଶିବିରକୁ ବାଲେଶ୍ୱର ଜିଲ୍ଲା କରାଟେ ସଂଘ ସାଧାରଣ ସଂପାଦକ ସମୀର ରଂଜନ ତାଲବି ପରିଚାଳନା କରିଥିଲେ । ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ନଭେମ୍ବର ୧୧ ରୁ ୧୩ ମଧ୍ୟରେ ରାଜ୍ୟସ୍ତରୀୟ ସବ୍‌ଜୁନିୟର କରାଟେ ଚମ୍ପିଆନ ହେବାର ସ୍ଥିରିକୃତ ହୋଇଛି ।

## ଆଜି ପାଳନ ହେବ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ସୋମବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରାଜ୍ୟ ସ୍ତରୀୟ ସଂକଳ୍ପ ଦିବସ ପାଳନ କରା ଯିବ । ସୋମବାର ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଜଟଣୀର କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

## ମୁଖ୍ୟମନ୍ତ୍ରୀ ଛଠ୍ ପୂଜା ଅବସରରେ ଦେଲେ ଶୁଭକାମନା

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ଛଠ ପୂଜା ଅବସରରେ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସୂର୍ଯ୍ୟ ଭଗବାନ ସମସ୍ତଙ୍କ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି, ଓ ସଫଳତା ପ୍ରଦାନ କରିବାକୁ ସେ କାମନା କରୁଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପାକତ୍ୟାଗ, ଦେବନୀତି ନିଷେଧକୁ ....

ତେଣୁ ଶ୍ରୀମନ୍ଦିର ପ୍ରଶାସନ ଯେଉଁ ନୀତି ଚୂଡାନ୍ତ କରିଛି ସେଥିରେ ତ୍ରୁଟିଥିବା କହିଛନ୍ତି ଜ୍ୟୋତିର୍ବିଦ । ତେବେ ମିଳିଥିବା ସୂଚନା ଅନୁସାରେ, ସୂର୍ଯ୍ୟୋଦୟ ପୂର୍ବରୁ ଶ୍ରୀମନ୍ଦିରରେ ସରିବ ସବୁ ନୀତିକାନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ପ୍ରଥମ ଭୋଗମଣ୍ଡପ ବି ଉଠିବ । ସୂର୍ଯ୍ୟପରାଗ ଭଳି ଚନ୍ଦ୍ରଗ୍ରହଣରେ ରାତିରେ ମହାପ୍ରସାଦ ପ୍ରସ୍ତୁତି ହେବ । ଗ୍ରହଣ ସ୍ପର୍ଶ ପରେ ମହାସ୍ନାନ କରାଯାଇ ନୀତିକାନ୍ତି ହେବ । ଦେବନୀତି ନିଷେଧ ପୂର୍ବରୁ ମହାପ୍ରଭୁଙ୍କ ସୁନାବେଶ ସରିବ । ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ବଦଳିଲେ ଭକ୍ତମାନେ କେତେ ସମୟ ଧରି ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବେ ସେ ଉପରେ ସମସ୍ତଙ୍କ ନଜର ରହିଛି ।

## ଧାମନଗରରେ କିଏ ଭାଙ୍ଗୁଛି ....

ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଧ ଭଦ୍ରକରେ ଜିଲ୍ଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି । ଧାମନଗର ନିର୍ବାଚନ ମଣ୍ଡଳୀ ପୂର୍ବରୁ ବିଜେପି ଦଖଲ ଥିବାରୁ ଏହି ଆସନରେ ଉପନିର୍ବାଚନରେ ଜିତିବା ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ଅନ୍ୟପଟେ ଉପନିର୍ବାଚନରେ ବିଜୟଧାରାକୁ ବଜାୟ ରଖିବାକୁ ସବୁ ବଳ ଖଟାଇ ଦେଇଛି ବିଜେଡି । ତେଣୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନକୁ ନେଇ ଦୁଇଦଳ ଭିତରେ ଦୋଷ ଲଦାଲଦି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି ।

## ଓଡିଆ ଜନଜାତି ଝିଅର ଉଦାହରଣ....

ଭେଣ୍ଟିଲେଟର ବିକଶିତ କରିଛି । ବ୍ୟାଟେରୀ ଚାଳିତ ପୋର୍ଟେବଲ୍ ଭେଣ୍ଟିଲେଟରକୁ ଦୁର୍ଗମ ଅଂଚଳରେ ସହଜରେ ବ୍ୟବହାର କରାଯାଇପାରିବ । ସମୟ ପୂର୍ବରୁ ଜନ୍ମ ହେଉଥିବା ନବଜାତ ଶିଶୁଙ୍କୁ ବଂଚାଇବାରେ ଏହି ଟେକ୍ନୋଲୋଜି ସହାୟକ ହେବ । ସମସ୍ତ ଆଇଆଇଟି ଅନୁଷ୍ଠାନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଓ ପ୍ରେରଣାଦାୟୀ ବାର୍ତ୍ତା ଏହି ଦଶନ୍ଧିକୁ ଭାରତର ଟେକେଡ୍ ବନାଇବାରେ ମାର୍ଗ ପ୍ରଶସ୍ତ କରିବ । ସମସ୍ତ ଆଇଆଇଟି ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ସଂସ୍ଥା ଗୁଡ଼ିକ ଏଭଳି ଅଭିନବ ପ୍ରୟୋଗ ଏବଂ ଅନୁସନ୍ଧାନକୁ ଗତି ପ୍ରଦାନ କରି ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତିର ଲକ୍ଷ୍ୟକୁ ପୂରଣ କରିବା ତଥା ଏକ ବିକଶିତ ଭାରତ ପାଇଁ ସଂକଳ୍ପବଦ୍ଧ । ସୋଲାର ସେକ୍ଟର ଠାରୁ ସ୍ପେଶ ସେକ୍ଟର ପର୍ଯ୍ୟନ୍ତ ଆମର ଯୁବବର୍ଗଙ୍କ ଉପଲବ୍ଧି ଦେଶବାସୀବାସୀଙ୍କୁ ଗର୍ବ କରିବାର ଅବସର ଦେବ । ଦେଶର ଯୁବସାଥୀମାନେ ୨୦୪୭ରେ ଭାରତକୁ ସବୁଠୁ ଅଗ୍ରଣୀ ଦେଶ କରିବେ । ଛାତ୍ରଶକ୍ତି ଏବଂ ଦେଶ ନିର୍ମାଣରେ ଯୁବଶକ୍ତିଙ୍କ ସହଭାଗିତା ଏବଂ ପ୍ରୟାସ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

# ୨୭ ଦାଦନ ଶ୍ରମିକ ଉଦ୍ଧାର : ଦାଦନ ସର୍ଦ୍ଦାର ଓ ସହଯୋଗୀ ଗିରଫ

ବଲାଙ୍ଗିର,୩୦/୧୦ (ନି.ପ୍ର): ବଗଲାବନ୍ଧ ଗାଁର ଜନୈକ ଦାଦନ ସର୍ଦ୍ଦାର ବାହାର ରାଜ୍ୟକୁ ଶ୍ରମିକ ଚାଲାଣ ପାଇଁ ବାହ୍ୟ ଜିଲ୍ଲାରୁ ୨୭ ଜଣ ଦାଦନ ଶ୍ରମିକଙ୍କୁ ଆଣି ନିଜ କ୍ଷେତରେ ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଟଣାଗଡ଼ ପୁଲିସ ଥାନା ଅଧିକାରୀ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରି ୨୭ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ଏଥିସହ ଦାଦନ ଶ୍ରମିକ ଚାଲାଣରେ ସଂପୃକ୍ତ ଥିବା ଦାଦନ ସର୍ଦ୍ଦାର ମୋହନ ମେହେର ଓ ତାଙ୍କ ସହଯୋଗୀ ଥବିର ରାଜହଂସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ବଗଲା ବନ୍ଧର ଦାଦନ ସର୍ଦ୍ଦାର ୨ ଦିନ ପୂର୍ବରୁ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଦେହେରିପାଲି, ସୋନପୁର ଜିଲ୍ଲା ଡୁଙ୍ଗୁରପାଲି ଓ ବଲାଙ୍ଗିର ଜିଲ୍ଲା ଆଗଲପୁର ସାଲେଭଟା ଅଞ୍ଚଳର ଦାଦନ ଶ୍ରମିକମାନଙ୍କୁ ଆଣି ନିଜ କ୍ଷେତରେ ଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ କରୁଥିଲେ । ପାଟଣାଗଡ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ବାହ୍ୟ ରାଜ୍ୟକୁ ଦାଦନ ଚାଲାଣ ହେବାକୁ ଥିବା ୧୦ ଜଣ ପୁରୁଷ ଓ ୧୦ ଜଣ ମହିଳା ଶ୍ରମିକଙ୍କ ସମେତ ୭ ଜଣ ଶିଶୁ ଶ୍ରମିକ ସହ ଦାଦନ ସର୍ଦ୍ଦାର ମୋହନ ଓ ସହଯୋଗୀ ଥବିରଙ୍କୁ ପାଟଣାଗଡ଼ ଥାନାକୁ ଆଣିଥିଲେ । ଦାଦନ ଶ୍ରମିକ ଚାଲାଣ ସମ୍ପର୍କିତ କୌଣସି କାଗଜ ପତ୍ର ସର୍ଦ୍ଦାର ଜଣକ ଦେଖାଇ ପାରି ନଥିଲେ । ଏହାପରେ ପୁଲିସ ପାଟଣାଗଡ଼ ଉପଖଣ୍ଡ ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁଙ୍କୁ ଥାନାକୁ ଡାକିଥିଲେ । ଶ୍ରମ ଅଧିକାରୀ ଶ୍ରୀ ଭୂୟାଁ ତଦନ୍ତ ପରେ ସର୍ଦ୍ଦାର ବେଆଇନ ଭାବେ ଶ୍ରମିକ ଚାଲାଣ କରିଥିବା ଜାଣିବାକୁ ପାଇଥିଲେ । ଯାହା ଫଳରେ ସର୍ଦ୍ଦାର ଓ ସହଯୋଗୀଙ୍କୁ କୋର୍ଟ ଚାଲାଣ କରିବା ସହ ଉଦ୍ଧାର ଶ୍ରମିକମାନଙ୍କୁ ଏକ ବସ ଯୋଗେ ନିଜ ନିଜ ଗାଁକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ବାରିପଦା ଠାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ




ବାରିପଦା,୩୦/୧୦ (ନି.ପ୍ର): ଆଜି ମୟୂରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ଆଠ ଘଟିକା ସମୟରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପତାକା ଦେଖାଇ ଏକ ସଚେତନତା ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ କିମ୍ବା ନିଜ ଆଖପାଖ ରେ କୌଣସି ବିପଦ ର ସମ୍ମୁଖୀନ ହେଲେ ସେଥିରୁ କେମିତି ଆତ୍ମରକ୍ଷା କରିହେବବା ବିପଦ ରେ ପଡ଼ିଥିବା ଅନ୍ୟ ମାନଙ୍କୁ କିପରି ସାହାଯ୍ୟ କରି ସେମାନଙ୍କ ଜୀବନ ରକ୍ଷା କରିହେବ ସେ ବିଷୟ ରେ ବାର୍ତ୍ତା ଦେଇଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ୍ରାଫ୍ଟ ଟିମ ତରଫରୁ ବିପର୍ଯ୍ୟୟ ସମୟରେ କିଭଳି ଲୋକଙ୍କ ଜୀବନ ରକ୍ଷା ତଥା ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିହେବ ସେ ସମ୍ବନ୍ଧରେ କଳା କୌଶଳ ପ୍ରଦର୍ଶନ କରିଥିଲେ । ସେହିପରି ଅଗ୍ନିଶମ ଅଧିକାରୀଙ୍କ ତରଫରୁ ଆକସ୍ମିକ ଅଗ୍ନି କାଣ୍ଡ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଦଭାବନା ସଭା ଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କ ସଭାପତିତ୍ୱ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜରୁରୀ କାଳୀନ ବିଭାଗର ଡେପୁଟି କଲେକଟର ସୁଜୟ କୁମାର ପତି, ଓଡ୍ରାଫ୍ଟ ଟିମର ମୁଖ୍ୟ ଏବଂ ଅଗ୍ନିଶମ ଅଧିକାରୀ ପ୍ରମୁଖ ଯୋଗ ଦେଇ ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ଶଶିଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକ ଗାନ୍ଧୀବାଦୀ ମଣିଷ ପରମାନନ୍ଦ ଦାସଙ୍କ ସ୍ମୃତିସଭା



ଭଦ୍ରକ,୩୦/୧୦ (ନି.ପ୍ର): ଭଦ୍ରକର ବରିଷ୍ଠ ସାମ୍ବାଦିକ, ଗାନ୍ଧୀବାଦୀ ମଣିଷ, ସମାଜସେବୀ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଆଜୀବନ ସମ୍ପାଦକ, ପୂର୍ବତନ ପାରିଷଦ ପରମାନନ୍ଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ପୁରୁଣାବଜାର ରୋଭର୍ସ କ୍ଳବ ଆନୁକୂଲ୍ୟରେ ହୋଇଥିଲା। ସ୍ମୃତିସଭାକୁ ବରିଷ୍ଠ ଅଧିବକ୍ତା ନିରାକାର ଜେନା ସଂଚାଳନ କରିଥିଲେ। ପରମାନନ୍ଦ ଦାସ ତାଙ୍କ ସମୟରେ ଜଣେ ନିର୍ଭୀକ, ନିଷ୍ଠାବାନ ସାମ୍ବାଦିକ ଭାବେ କାର୍ଯ୍ୟ କରି ଭଦ୍ରକ ଜିଲ୍ଲା ତଥା ରାଜ୍ୟର ଜଣେ ଆଗଧାଡ଼ିର ସାମ୍ବାଦିକ ଭାବେ ପରିଗଣିତ ହୋଇଥିଲେ। ସାମ୍ବାଦିକ ବୃତ୍ତିରୁ ଦୂରେଇବା ପରେ ସେ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥିଲେ। ଜଣେ ଗାନ୍ଧୀବାଦୀ ମଣିଷ ଭାବେ ତାଙ୍କ ସମାଜ ପ୍ରତି ଅବଦାନ ଯଥେଷ୍ଟ ରହିଥିଲା। ତାଙ୍କ ବିୟୋଗରେ ଭଦ୍ରକ ଜଣେ ଭଦ୍ର ମଣିଷଙ୍କୁ ହରାଇଲା ବୋଲି ସ୍ମୃତିଚାରଣ କରି ସୁଧାକର ରାଉତ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଏସ୍.ଏମ୍. ଫାରୁକ, ଅଭୟ ଦ୍ୱିବେଦୀ, ଅଜୟ ନାୟକ, ମୁସ୍ତାକ ଗହ୍ୱର, କୈଳାସ ମହାପାତ୍ର, ଅନୱର ହୋସେନ, ଚିନ୍ମୟ ସ୍ୱାଇଁ, ମନୋରଂଜନ ମହାନ୍ତି,ଶରତ ମହାନ୍ତି, ଏକ୍ରାମ୍ ଅହମ୍ମଦ, ବସୁମିତ୍ରା ସାହୁ, ଅଧ୍ୟାପକ ନାସିର ବକ୍ସ, କିରଣ ଚନ୍ଦ୍ର ଗୁଇଁ, ଅସରଫ୍ ଅଲୀ, ହୃଷିକେଶ ମହାନ୍ତି, ବାଇଧର ସାହୁ, ହରିପ୍ରସାଦ ନନ୍ଦୀ, ଅବଦୁଲ ଦୟାନ, ସେକ୍ ସୁଫିଆନ୍, ଲଲାଟେନ୍ଦୁ ମହାନ୍ତି, ସିଦ୍ଧେଶ୍ୱର ସାହୁ, ରୋଭର୍ସ କ୍ଲବର ସଦସ୍ୟ ଲାଲା, ବବ୍‌ଲୁ, ରିୟାଜ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀ-'ଗାନ୍ଧୀ ଶିଳ୍ପବଜାର-୨୦୨୨' ଉଦ୍‌ଘାଟିତ

ଭୁବନେଶ୍ୱର,୩୦/୧୦ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ଏକ ୧୦ ଦିନ ବ୍ୟାପୀ ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀ-'ଗାନ୍ଧୀ ଶିଳ୍ପବଜାର-୨୦୨୨' ଅକେଟୋବର ୨୮ ତାରିଖରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟ, ଭୁବନେଶ୍ୱରଠାରେ ଆୟୋଜିତ ହେଉଛି । ଏଥିରେ ସର୍ବଭାରତୀୟ ସ୍ତରର ୧୨ଟି ରାଜ୍ୟରୁ ୧୦୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରିବେ । ମହାରାଷ୍ଟ୍ର, ରାଜସ୍ଥାନ, ଆସାମ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ଗୋଆ, ମଣିପୁର, ଦିଲ୍ଲୀ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ଓ ହସ୍ତତନ୍ତ ଯଥା: ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ ଶିଳ୍ପ, କେଞ୍ଚଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା ତାରିକସୀ, ଆଦିବାସୀ ଜୁଏଲାରୀ, ଶିଂଘ, ବାଉଁଶ ଓ ବେତ, କତା ଶିଳ୍ପ, ଚମଡ଼ା ଶିଳ୍ପ, ବନାରସୀ ଶାଢ଼ି, ପଶମୀନା ଶାଲ୍, ଫର୍ଣ୍ଣିଚର ତାଳପତ୍ର ଖୋଦେଇ, ଲାଖ, ଶାମୁକା, ରାଜସ୍ଥାନୀ ଚିତ୍ରଶିଳ୍ପ, କାର୍ପେଟ, ଲୌହ ଶିଳ୍ପ, କଂସା ଓ ପିତଳ, ଢୋକ୍ରା, ଜରୀ କାମ, ଟେରାକୋଟା ଭଳି ଶିଳ୍ପଗୁଡ଼ିକର ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି । ଏହିଭଳି ଏକ ମେଳାର ଆୟୋଜନ ଓ ପରିଚାଳନା ତଥା ସର୍ବୋପରି କ୍ରୟକୁ ଦୃଷ୍ଟିରେ ରଖାଯାଇ ଆନୁମାନିକ ୧୦୦ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଛି ଏବଂ ୭୦ ହଜାର ଦର୍ଶକଙ୍କ ଆଗମନର ସମ୍ଭାବନା ରହିଛି । ଆଜି ସନ୍ଧ୍ୟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଏହି ଉତ୍ସବର ଶୁଭ ଉଦ୍‌ଘାଟନ କରିଛନ୍ତି ।

# ବିବିସିସିରେ ୧୫ ନର୍ଦ୍ଦେଶକ ନିର୍ବାଚିତ



ବାଲେଶ୍ୱର,୩୦/୧୦ (ନି.ପ୍ର): ରାଜ୍ୟ ସମବାୟ ନିର୍ବାଚନ ଆୟୁକ୍ତଙ୍କ ବିଜ୍ଞପ୍ତି ଅନୁସାରେ ସମଗ୍ର ଓଡ଼ିଶାରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ କେନ୍ଦ୍ର ସମବାୟ ନିର୍ବାଚନ ଶେଷ ହୋଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ (ବିବିସିସି)ର ୧୫ ନିର୍ଦ୍ଦେଶକ ପଦରେ ମତଦାନ ଶାନ୍ତି ଶୃଙ୍ଖଳରେ ଶେଷ ହୋଇ ଫଳ ପ୍ରକାଶ ପାଇଛି । ସ୍ଥାନୀୟ ଖ୍ରୀଷ୍ଟିୟାନ ହାଇସ୍କୁଲରେ ଆୟୋଜିତ ୮ ଗୋଟି ବୁଥରେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ଦୁଇ ଜିଲାର ୨୪୯ ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ୨ ଟି ଲ୍ୟାମ୍ପସ ଓ ଅନୁମୋଦିତ ଅନ୍ୟାନ୍ୟ ବିଭିନ୍ନ ବର୍ଗର ୭୫ଟି ପ୍ରାଥମିକ ସମବାୟ ସମିତିର ନିର୍ବାଚିତ ନିର୍ଦ୍ଦେଶକମାନେ ଏଥିରେ ମତଦାନ କରିଥିଲେ । ମୋଟ ୪,୭୪୨ ନିର୍ଦ୍ଦେଶକଙ୍କ ମଧ୍ୟରୁ ୪୩୩୯ ଜଣ ମତଦାନ କରିଥିବା ବେଳେ ଭୋଟ ହାର ୯୧.୫ ପ୍ରତିଶତ ଛୁଇଁଛି । ମତଦାନ ଶେଷ ହେବାର କିଛି ସମୟ ପରେ ଭୋଟଗଣତି ଆରମ୍ଭ ହୋଇଥିଲା । ସଂଧ୍ୟା ୭ଟା ସୁଦ୍ଧା ନିର୍ବାଚନ ଫଳ ପ୍ରକାଶ ପାଇଥିଲା । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୨ ପ୍ରାର୍ଥୀଙ୍କ ମଧ୍ୟରୁ ୧ରୁ ୧୫ ନଂ ପର୍ଯ୍ୟନ୍ତ ଜୋନରେ ଯଥାକ୍ରମେ ନିରଞ୍ଜନ ଦାସ, ଗଣେଶ ପ୍ରସାଦ ମହାପାତ୍ର, ଯୋଗେନ୍ଦ୍ର କୁମାର ଘଡ଼େଇ, ପ୍ରକାଶଜ୍ୟୋତି ମହାକୁଡ଼, ଦଶରଥ ଜେନା, ପୁଷ୍ପଲତା ଜେନା, ଆଶିଷ ପାତ୍ର, ସଂଗ୍ରାମ କେଶରୀ ମଲିକ, ଦେବ କୁମାର ଦେ, ତପନ ଦାସ, ବ୍ରଜେନ୍ଦ୍ର ମାଝୀ, ରମେଶ ଚନ୍ଦ୍ର ଭାରତୀ, ରଞ୍ଜିତା ସିଂହ, ଅମିତା ଭୂୟାଁ ଓ ନବକିଶୋର ସେଠୀ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ସଭାପତି ଓ ଉପ-ସଭାପତି ପଦ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଏନେଇ ୨ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ହେବ ବୋଲି ନିର୍ବାଚନ ହେବ ବୋଲି ସମବାୟ ସମିତି ସମୂହ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି ।

## ମିତବ୍ୟୟିତା ଦିବସରେ ଗଡ଼ିଲା ସଞ୍ଚୟ ରଥ

ବାଲେଶ୍ୱର, ୩୦/୧୦ (ନି.ପ୍ର): ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଞ୍ଚୟ ରଥ ପରିକ୍ରମା ରବିବାର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ବାଲେଶ୍ୱର ଉପ-ଜିଲାପାଳ କୁନାଲ ଚୌହାନ ପତକା ଦେଖାଇ ଏହି ସଚେତନତା ରଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା ସହ ଜନସାଧାରଣ ମଧ୍ୟରେ ମିତବ୍ୟୟତା ଓ ସ୍ୱଳ୍ପ ସଂଚୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବ ବୋଲି ଅଧିକାରୀ ଦ୍ୱୟ ଆଶା ପ୍ରକାଶ କରିଛନ୍ତି । ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ପ୍ରଜ୍ଞା ମିଶ୍ର, ଉପଖଣ୍ଡ ସ୍ୱଳ୍ପ ସଂଚୟ ଅଧିକାରିଣୀ ଶୁଭଶ୍ରୀ ମାନ୍ନାଙ୍କ ସମେତ ସ୍ୱର୍ଣ୍ଣପ୍ରିୟା ଦାସ, ବାସୁଦେବ କର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏଥିରେ ଉପସ୍ଥିତ ଥିଲେ ।

## ଏମପିସି କଲେଜରେ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ




ବାରିପଦା,୩୦/୧୦ (ନି.ପ୍ର): ଆସନ୍ତା ୩୧ ତାରିଖ ଏକତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଏକ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡା ଯୋଗ ଦେଇ ଏକତାଶକ୍ତିକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇଛନ୍ତି । ମହାବିଦ୍ୟାୟର ଏନଏସଏସ ର ପ୍ରୋଗ୍ରାମ ଅଫିସର ଡ. ଅନାମ ଚରଣ ରାଉଳ, ଡ. ପ୍ରିୟବ୍ରତ ବେହେରା, ରଂଜନା ରାଣୀ ସିଂ ଓ ଏନସିସି ଅଫିସର ମେଜର ପ୍ରଣବ କୁମାର ମହାପାତ୍ର, ୟୁଥ ରେଡକ୍ରସ ପ୍ରୋଗ୍ରାମ ଅଫିସର ରାଇମନି ମର୍ଣ୍ଡି, ଡ. ପ୍ରଣତି ପଟ୍ଟନାୟକ, ଡ. ହରପ୍ରସାଦ ମହାପାତ୍ର ଏବଂ ରୋଭର ଏଣ୍ଡ ରେଂଜର ର ଅଫିସର ଡ. ଦୀପକ କୁମାର ବେହେରା ଓ ରଶ୍ମିତା ନାଏକ ସହଯୋଗ କରିଥିଲେ । ଏନଏସଏସ, ଏନସିସି, ୟୁଥ୍ ରେଡକ୍ରସ ଏବଂ ରୋଭର ଓ ରେଂଜର ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏକତା ଅଭିମୁଖୀ ଏକତା ପାଇଁ ଦୌଡ ଅନୁଷ୍ଠିତ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ରାଲି ମହାବିଦ୍ୟାଳୟର ହଷ୍ଟେଲରୁ ବାହାରି ମହାରାଜା ଶ୍ରୀରାଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିଲା ।

## ଛଟ୍ ପୂଜା ପାଇଁ ବାଲିଘାଟରେ ଭିଡ଼



ବାଲେଶ୍ୱର,୩୦/୧୦ (ନି.ପ୍ର): ବାଲେଶ୍ୱରରେ ବସବାସ କରୁଥିବା ଭୋଜପୁରୀ ଭାଷାଭାଷୀ ତଥା ବିହାରୀ ସମ୍ପ୍ରଦାୟର ମହିଳାଙ୍କ ପକ୍ଷରୁ ସହର ଉପକଣ୍ଠ ବୁଢ଼ାବଳଙ୍ଗ ନଦୀତୁଠ ବାଲିଘାଟଠାରେ ଶ୍ରଦ୍ଧା ଓ ଭକ୍ତିର ସହ ଆରମ୍ଭ ହୋଇଛି ଛଟପୂଜା । ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂର୍ଜାର୍ଚ୍ଚନା ତଥା ଅର୍ଘ୍ୟ ପ୍ରଦାନ ପାଇଁ ରବିବାର ଅପରାହ୍ଣରୁ ବାଲିଘାଟ ହୋଇ ଉଠିଥିଲା ଚଳଚଞ୍ଚଳ । ଧୁପ, ଦୀପ ଓ ନୈବେଦ୍ୟ ସାଙ୍ଗକୁ ଶଙ୍ଖ ଧ୍ୱନିରେ କମ୍ପିଉଠିଥିଲା ନଦୀଘାଟ ସମେତ ଆଖପାଖ ଅଞ୍ଚଳ । ଛଟ୍ ମାତାଙ୍କୁ ଅତ୍ୟନ୍ତ ଭକ୍ତିର ସହ ମହିଳାମାନେ ପୂଜା କରିଥିବା ବେଳେ ପୁରୁଷମାନେ ସେମାନଙ୍କୁ ସହଯୋଗ କରିଥିଲେ । କାର୍ତ୍ତିକ ମାସ ଶୁକ୍ଲ ପକ୍ଷ ଚତୁର୍ଥୀ ତିଥିରୁ ଆରମ୍ଭ ହେଉଥିବା ଏହି ପର୍ବ ଚାରି ଦିନ ଧରି ଚାଲିଥାଏ ବୋଲି ବ୍ରତଧାରୀମାନେ ସୂଚନା ଦେଇଛନ୍ତି । ଉତ୍ସବର ପର୍ବର ପ୍ରଥମ ଦିବସକୁ ନାହାୟ ଖାୟ କୁହାଯାଇଥାଏ । ଏହି ଦିନ ବ୍ରତୀମାନେ ଶୁଦ୍ଧ ଶାକାହାରୀ ଖାଦ୍ୟ ଗ୍ରହଣ କରିଥାନ୍ତି । ଏହି ଦିନ ସକାଳ ପବିତ୍ର ନଦୀ ଦଳରେ ସ୍ନାନ ପରେ ଛଟ୍ ବ୍ରତ ପାଳନର ଶୁଭାରମ୍ଭ ହୋଇଥାଏ । ତୃତୀୟ ଦିବସ ବା ଷଷ୍ଠୀ ତିଥି ଛଟ୍ ପୂଜାର ମୁଖ୍ୟ ଦିନ ବୋଲି ବିବେଚନା କରାଯାଏ । ସୂର୍ଯ୍ୟାସ୍ତ ପୂର୍ବରୁ ଏକ ବାଉଁଶ ଟୋକେଇରେ ଅର୍ଘ୍ୟ ପ୍ରଦାନ ନିମନ୍ତେ ସାମଗ୍ରୀ ସଜାଯାଇଥାଏ । ପରିବାର ଏବଂ ଆଖପାଖର ସମସ୍ତ ଲୋକ ଉପବାସ ସହିତ ଘାଟ ଆଡକୁ ଯାଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି । ଚତୁର୍ଥ ଦିନରେ ସକାଳେ ଉଦୟ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ । ଏହି ଦିନ ଭକ୍ତମାନେ ସୂର୍ଯ୍ୟୋଦୟ ପୂର୍ବରୁ ପାଣିରେ ଠିଆ ହୋଇ ଉଦୟ ସୂର୍ଯ୍ୟଙ୍କୁ ଅର୍ପଣ କରନ୍ତି । ଅର୍ଘ୍ୟ ଅର୍ପଣ ପରେ ଲୋକମାନେ ପ୍ରସାଦ ଖାଇ ଉପବାସ ଭାଙ୍ଗନ୍ତି ।

## ସଦରବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଏକ ଜରୁରୀ କାଳୀନ ବୈଠକ



ବସ୍ତା, ୩୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦରବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଏକ ଜରୁରୀ କାଳୀନ ବୈଠକ ହଳଦିପଦା ବାଇପାସ୍ ନିକଟରେ ଥିବା ମହାସଂଘ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଦର ବ୍ଲକ ର ସମସ୍ତ ପଞ୍ଚାୟତ ର ଡ୍ରାଇଭର ସଂଘର ଆଡମିନ ମାନେ ଯୋଗ ଦେଇଥିଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ତାଙ୍କର ୧୦ ଦଫା ଦାବି ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ସମୟ ନେଇଥିବା ବେଳେ ପୁଣି ଥରେ ଡ୍ରାଇଭର ମହାସଂଘ ମା ସମଲେଶ୍ୱରିଙ୍କ ମନ୍ଦିର ରୁ ନବୀନ ନିବାସ ଅଭିମୁଖେ ୧୦ ଦଫା ଦାବି ନେଇ ଦଣ୍ଡ ଯାତ୍ରା କରି ଆସୁଥିବା ବେଳେ ସମସ୍ତଙ୍କୁ ସଦର ବ୍ଲକ ମହାସଂଘ ସୁଭେଚ୍ଛା, ଅଭିନନ୍ଦନ ଜଣାଇଛନ୍ତି, ଆଗାମୀ ଦିନରେ ସଂଘ ପକ୍ଷରୁ ଯେକୌଣସି ନିର୍ଦ୍ଦେଶ ରହିବ ତାହା ମାନିବା ପାଇଁ ପ୍ରସ୍ତୁତ ରହିଛୁ ବୋଲି କହିଥିଲେ କୁରାଡିଆ ପଞ୍ଚାୟତ ର ଆଡ଼ମିନ ଦିଲିପ କୁମାର ବାରିକ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ୍ରାଇଭର ମହାସଂଘ ଜିଲ୍ଲା ସଭାପତି ରାମକୃଷ୍ଣ ଦାସ, ରାଜେଶ ଖଣ୍ଡେଲୱାଲ, ପ୍ରତାପ ଦାସ, ଅରୁଣ କୁମାର ପାତ୍ର, ପ୍ରଦିପ ବେହେରା, ଶଶିକାନ୍ତ ବେହେରା ଓ ସଦର ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ଡ୍ରାଇଭର ମାନେ ଉପସ୍ଥିତ ଥିଲେ ।

## ସରକାରୀ ଚାକିରିରେ ଆଉଟ ସୋର୍ସିଂ ପ୍ରଥା ବିଲୋପ ଦାବି

ବାଲେଶ୍ୱର,୩୦/୧୦ (ନି.ପ୍ର): ରାଜ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ସରକାର ନିୟମିତ କରୁଥିବା ବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ଅବିଚାର କରାଯାଇଛି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ । ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଆୟୋଜିତ ମହାସଂଘର ଜିଲ୍ଲାସ୍ତରୀୟ ସାଧାରଣ ସଭାରେ ରାଜ୍ୟ ସଭାପତି ସଞ୍ଜୟ ପଟ୍ଟନାୟକ ଯୋଗଦେଇ ଓଡିଶାରେ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଆଉଟସୋର୍ସିଂ ବ୍ୟବସ୍ଥାର ଅବସାନ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାର ଅଦ୍ୟାବଧି କୌଣସି ନିଷ୍ପତ୍ତି ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ସେ ମତ ଦେଇଥିଲେ । ସ୍ୱଳ୍ପ ଦରମା ଓ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ବି ଦିନ ରାତି ଏକ କରି ଶାସନର ମେରୁଦଣ୍ଡ ସାଜିଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାର ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

## ଆଜି ଭୁବନେଶ୍ୱରରୁ ଆରମ୍ଭ ହେବ କଂଗ୍ରେସର ଭାରତ ଯୋଡ଼ ଯାତ୍ରା

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ସୋମବାର ସକାଳ ୮.୩୦ରେ ଭୁବନେଶ୍ୱର ସ୍ଥିତ ଇନ୍ଦିରା ପାର୍କ ଠାରୁ "ଭାରତ ଯୋଡ଼ ଯାତ୍ରା- ଓଡ଼ିଶା" କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ରାଜ୍ୟ ପ୍ରଭାରୀ ତଥା ସାଂସଦ ଚେଲା କୁମାର, ଏଆଇସିସି ସଚିବ ରୁଦ୍ର ରାଜୁ ପ୍ରମୁଖ ସାମିଲ ହେବେ । ଉଲ୍ଲେଖନୀୟ ଯେ ଏହି ଭାରତ ଯୋଡ଼ ଯାତ୍ରା ଓଡ଼ିଶାରେ ୨୭ ଟି ଜିଲ୍ଲା, ୧୯ ସଂସଦୀୟ କ୍ଷେତ୍ର, ୨୨୫୦ କି.ମି. ରାସ୍ତାକୁ ପ୍ରାୟ ୧୦୦ ଦିନରେ ଅତିକ୍ରମ କରିବ । ଏହି ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ଛାମୁଆ ସଂଗଠନ, ଜିଲ୍ଲା କଂଗ୍ରେସ ସଭାପତି, ବୁଦ୍ଧିଜୀବୀ, କୃଷକ, ଶ୍ରମିକ, ବେକାର ଯୁବକ ଯୁବତୀ, ମହିଳା, ଛାତ୍ର ଛାତ୍ରୀ, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିବେ ।

## ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ବାଲେଶ୍ୱର,୩୦/୧୦ (ନି.ପ୍ର): ସାଧାରଣ ବର୍ଗ ବିଦ୍ୟାଳୟର ଚୁକ୍ତିଭିତିକ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେଇଥିବା ବେଳେ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀଙ୍କୁ ଏଥିରୁ ବାଦ ଦିଆଯିବାକୁ ଅସନ୍ତୋଷ ପ୍ରକାଶ କରିଛି ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘ । ସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉପେକ୍ଷା ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ଗ୍ରାଂଟ-ଇନ-ଏଡ୍ ବ୍ୟବସ୍ଥା ନଥାଇ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କୁ ରେଗୁଲାର ପାଇଁ ଘୋଷଣା କରାଯାଇଥିବା ବେଳେ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କୁ ପ୍ରତି ଅବିଚାର କରାଯାଉଛି ବୋଲି ସେମାନେ କହିଥିଲେ । ସେମାନଙ୍କ କାର୍ଯ୍ୟକାଳ ୪ବର୍ଷ ପୂରିଥିଲେ ବି ୫୦ ପ୍ରତିଶତ ଦରମାରୁ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କୁ ବାଦ ଦିଆଯିବା ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ଅଭିଯୋଗ କରିଥିଲେ । ବାଲେଶ୍ୱର ଜିଲ୍ଲାରେ ପରିଚାଳିତ ୯ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଶାରିରୀକ ଓ ମାନସିକ ଅକ୍ଷମ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି । ସ୍ୱତନ୍ତ୍ର ବିଦ୍ୟାଳୟ ପାଇଁ ସରକାର ସମସ୍ତ ପ୍ରକାର ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ମଧ୍ୟ ସରକାର ନେବା ଉଚିତ ବୋଲି ସେମାନେ କହିଛନ୍ତି । ତୁରନ୍ତ ଏ ବାବଦରେ ସରକାର ଉଚିତ ପଦକ୍ଷେପ ନ ନେଲେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଗୌରାଙ୍ଗ ଚରଣ ପ୍ରଧାନ, ଚନ୍ଦ୍ରଜିତ ନାୟକ, ଗୀତାଞ୍ଜଳି ପ୍ରଧାନ, ଗୌରାଙ୍ଗ ପାତ୍ର, କୃଷ୍ଣଚନ୍ଦ୍ର ପାଢୀ, ଜୟନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ଦାସ, ପ୍ୟାରୀ ମୋହନ ଭୂୟାଁ, ଦେବୀପ୍ରସାଦ କର, ଦୀପକ ବେହେରା, ପ୍ରବିତ୍ରରାଣୀ ଖୁଣ୍ଟିଆ, ମନୋଜ ପଲାଇ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ନୀଳଗିରି ଆମ୍ ଆଦ୍‌ମୀ ପାର୍ଟି କର୍ମୀ ସମ୍ମିଳନୀ



ନୀଳଗିରି,୩୦/୧୦ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀ ଆମ୍ ଆଦମୀ ପାର୍ଟିରର କର୍ମୀ ସମ୍ମିଳନୀ ଅଁଳାପାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଅପରାହ୍ଣ ପ୍ରାୟ ୨ଘ. ସମୟରେ ସଭାପତି ପୁରୁଷୋତମ ସାହୁଙ୍କ ପୌରହିତ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପାର୍ଟିମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କ ନୀତି ଆଦର୍ଶ ତଥା ଜନସାଧାରଣମାନଙ୍କୁ କିଭଳି ମାଗଣାରେ ବିଜୁଳି, ପାଣି, ମହୋଲ୍ଲା, କ୍ଲିନିକ୍ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା, ଉନ୍ନତିମାନର ଶିକ୍ଷା, ରୋଜଗାର ଆଦି ବିଷୟରେ ଆଲୋଚନା ହୋଇଥିଲା । ନୀଳଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଉପେନ୍ଦ୍ରନାଥ ଗିରି ଆଗାମୀ ଦିନରେ ତୃଣ ମୂଳ ସ୍ତରରେ କିଭଳି ଦଳ ମଜ୍‌ବୁତ୍ ହେବ ଏ ନେଇ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ସଭାରେ ବ୍ଲକ ସଭାପତି ସଞ୍ଜୀବ କୁମାର ସ, ରଘୁନାଥ ପ୍ରଧାନ, ଭୋଳାନାଥ ବେହେରା, ଉପେନ୍ଦ୍ର ସିଂ, ଅନନ୍ତ ପଣ୍ଡା, ଭାସ୍କର ବେହେରା, ରବିନ୍ଦ୍ର ଗିରି, ଅଜିତ୍ ପଣ୍ଡା, ରାମକୃଷ୍ଣ ରାମ, ବାବୁଲି ନାୟକ, ରଘୁନାଥ ସିଂ, ପ୍ରଶାନ୍ତ ରାଉତ, ଫଂଚୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଜଗନ୍ନାଥଙ୍କ ପାଇଁ ଆମେ ଓଡ଼ିଆ ଓ ଆମ ଓଡ଼ିଶା ଗୌରବାନ୍ୱିତ



ଭଦ୍ରକ,୩୦/୧୦ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ଆୟୋଜିତ ପ୍ରସିଦ୍ଧ କାଳୀପୂଜା ମେଳାରେ ସମିତିର ଅସ୍ଥାୟୀ ମଣ୍ଡପରେ ଆୟୋଜିତ ମହା ସଂସ୍କୃତି ଜାଗରଣ ଯାତ୍ରା ଅବସରରେ ଅନୁଷ୍ଠିତ ୩ୟ ଦିବସ ଆଧ୍ୟାତ୍ମିକ ସଭାରେ ବକ୍ତାଗଣ ମତ ପ୍ରକାଶ କରି କହିଥିଲେ କି 'ଶ୍ରୀଜଗନ୍ନାଥଙ୍କ ପାଇଁ ଆମେ ଓଡ଼ିଆ ଓ ଆମ ଓଡ଼ିଶା ଅତିମାତ୍ରାରେ ଗୌରବାନ୍ୱିତ । ବାଲେଶ୍ୱର ଜିଲ୍ଲା ପକ୍ଷରୁ ନିର୍ମଳା ବିଶ୍ୱାଳଙ୍କ ନେତୃତ୍ୱରେ ୪୦ଜଣ ମହିଳା ସଂକୀର୍ତ୍ତନ କଳାକାର ଯୋଗଦାନ କରି 'ଦିବ୍ୟ ଚେତନା' ଅଭିଯାନକୁ ସଫଳ କରିଥିଲେ । ଲକ୍ଷ୍ମୀଧର ଦାସ କୁଣ୍ଡିକାଳୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧି 'ଭାଗବତ ପାରାୟଣ' ସବିତା ପରିଡା, ତପସ୍ୱିନୀ ପାଢୀ ପ୍ରବଚନ ପ୍ରଦାନ କରିଥିଲେ । ସନ୍ଧ୍ୟା ଅଧିବେଶନରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା ଯୋଗ ଦେଇ ବକ୍ତବ୍ୟ ରଖିବା ସହ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ମହାପାତ୍ର, ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ବାବୁଲାଲ ଦାସ, ନରେନ୍ଦ୍ର ପ୍ରସାଦ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କମଳାକାନ୍ତ ମଲ୍ଲିକ, ସୁରେନ୍ଦ୍ର କୁମାର ସାହୁଙ୍କ ସହଯୋଗରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ବିବରଣୀ ଉପସ୍ଥାପନ କରିଥିଲେ । ନେପାଳ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ବାରିପଦା,୩୦/୧୦ (ନି.ପ୍ର): ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୨ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଉତ୍ସବକୁ ଉଦଘାଟନ କରିଥିବା ବେଳେ, ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜ ମୋହନ ମୁର୍ମୁ, ପୂର୍ବତନ ଏବିଇଓ ପ୍ରତିଭା ପାଣିଗ୍ରାହୀ, ଶିକ୍ଷାବିତ ବିଜୟିନୀ ସ୍ୱାଇଁ, ଭାରତୀ ଟୁଡୁ, ତୃପ୍ତି ମହାନ୍ତ, ଦୀପ୍ତି ମହାନ୍ତ, ଚମ୍ପାବତୀ ହାଁସଦା, ରେଖା ମିଶ୍ର ତଥା ବିଶିଷ୍ଟ ଗାୟକ ଓ ଅଭିନେତା ଶାନ୍ତନୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ଓ ୧୩ଟି ଆଂଚଳିକ ସାଧନ କେନ୍ଦ୍ରର ପ୍ରାୟ ଦୁଇଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ସିନିୟର ଗ୍ରୁପ ବକ୍ତୃତାରେ ବିଦୁସ୍ମିତା ପ୍ରଧାନ, ପ୍ରବନ୍ଧରେ ମେଘାଶିନୀ ମାରାଣ୍ଡି, ଚିତ୍ରାଙ୍କନରେ ବର୍ଷା ବିନ୍ଧାଣି, ଗୀତରେ ନମିତା ମୁର୍ମୁ, କୁଇଜରେ ପ୍ରକାଶ ଚନ୍ଦ୍ର ଗଣ, ତର୍କରେ ଲିଜା ବର୍ଦ୍ଧନ ସୃଜନଶୀଳ ଲିଖନରେ ସୋମବାରୀ ମାରାଣ୍ଡି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜୁନିଅର ଗ୍ରୁପ ଚିତ୍ରାଙ୍କନରେ ଲକ୍ଷ୍ମୀପ୍ରିୟା ସୋରେନ, ସୃଜନଶୀଳ ଲିଖନରେ ଶୁଭଶ୍ରୀ ପାତ୍ର, ଗୀତରେ ଅହଲ୍ୟା ମାରାଣ୍ଡି, କୁଇଜରେ ପର୍ଶୁରାମ ସାହୁ, ହସ୍ତାକ୍ଷରରେ ଅଲିଭା ମହାନ୍ତ, ତର୍କରେ ଶେଖ ଏମଡି ଫାରହନ, ଦିବ୍ୟାଙ୍ଗ ଗ୍ରୁପ ଚିତ୍ରାଙ୍କନରେ ଭାଗ୍ୟଜିତ ମୁଣ୍ଡା ଓ ଗୀତରେ ସନ୍ତୋଷିନୀ ତୁଙ୍ଗ, ଏମଡିଏମ ଚିତ୍ରାଙ୍କନରେ ତପସ୍ୱିନୀ ବାରିକ ଓ କ୍ରାଫ୍ଟରେ ବନ୍ଦିତା ବେହେରା ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ତୁଳସୀଚୌରା କଲୋନୀ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସୋମନାଥ ସିଂହ, ଗୌତମ ଦାସ ଓ ରତ୍ନା ବାନାର୍ଜୀ ମଂଚ ପରିଚାଳନା କରିଥିବା ବେଳେ ସିଦ୍ଧେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo